

ତମେ

ସୁଖ

ପ୍ରିୟଶତ୍ରୁ

ନିର୍ମୂଳ ପୁରସ୍କାର

ବର୍ଷା ଓ ବଂଶୀ

ହେ, ଲୀଳାମୟ

ଆଧୁନିକ କବିତା

ବସନ୍ତ ଆସିଛି

କୋଠିର କାହାଣୀ

ଷଣ୍ଢ ଗାଈ ମାଳିକାବିଚାର

ଆକାଶ ବିନା ବର୍ଷା ଅଧା

ଝିଣ୍ଟିପିଟି କହେ ଅଣାକାର

# ଧର୍ମ ନାମରେ ଧ୍ୱନୀ ପ୍ରଦୁଷଣ

ଅଷ୍ଟମ ବର୍ଷ, ଦ୍ୱିତୀୟ ସଂଖ୍ୟା ମାର୍ଚ୍ଚ ୨୦୧୩

ଆହ୍ୱାନ

ଅଷ୍ଟମ ବର୍ଷ, ପ୍ରଥମ ସଂଖ୍ୟା ଫେବୃଆରୀ, ୨୦୧୩

‘ଆହ୍ୱାନ’ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଗ୍ରୀଷ୍ମର ନିଦାଘ ଏବେଠୁ ଅନୁଭୂତ ହେଲାଣି । ଦିପହରରେ ରାଜରାସ୍ତା ଜନଶୂନ୍ୟ ହୋଇଗଲାଣି । ଏହି ସମୟରେ ରାଜ୍ୟ ତଥା ଦେଶର ରାଜନୀତି ବା କେମିତି ଥଣ୍ଡା ରହିବ । ସେମିତିରେ ବି ୧୯୪୭ ପରବର୍ତ୍ତୀ ସମୟରେ ଆମ ଦେଶରେ ରାଜନୈତିଜ୍ଞ ମାନେ ଯେଉଁ ପ୍ରକାରର ପ୍ରତିପତ୍ତି ଜମେଇଛନ୍ତି ତାକୁ ଦେଖିଲେ ସାଧାରଣ ଜନତାଙ୍କ ରକ୍ତ ତାତିଯାଉଥିବ ଏଥିରେ ସନ୍ଦେହ ନାହିଁ । ଗତ ସପ୍ତାହରେ ଉତ୍ତର ପ୍ରଦେଶରେ ଜନୈକ ରାଜନେତା କର୍ତ୍ତବ୍ୟରତ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ହତ୍ୟାକରିଥିବା ନେଇ ସମ୍ବାଦ ଆସିବାପରେ ଉତ୍ତରପ୍ରଦେଶ ସରକାର ତରବରିଆ ଭାବରେ ସଂପୃକ୍ତ ଅଧିକାରୀଙ୍କ ଘରକୁ ଯାଇ ପଚାଶ ଲକ୍ଷ ଟଙ୍କାର ସହାୟତା ରାଶି ଦେଇ ଆସିଲେ, ଏବଂ ପରିବାରର ଜଣକୁ ଚାକିରୀ ତଥା ନିଧନ ହୋଇଥିବା ଅଧିକାରୀଙ୍କ ବକେୟା ଦରମା ସେ ବଞ୍ଚିଥିଲେ ଯେତେଦିନ ଯାଏଁ ପାଇଥାନ୍ତେ, ତାହା ବି ଦିଆହେବ ବୋଲି କଥା ଦେଇ ଆସିଲେ । ଏହା ନିଶ୍ଚୟ ଭାବରେ ଏକ ବହୁତ ଭଲ କଥା । କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କ ହତ୍ୟାପରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଏହି ଅନୁକମ୍ପା ପାଇଁ ଅନ୍ତତଃ ମୁଁ ବହୁତ ଖୁସି । ହେଲେ ଏଠାରେ ସ୍ବତଃ ମନକୁ ପ୍ରଶ୍ନ ଆସେ, ଯେତେବେଳେ ବିଗତ ମାସରେ ଭାରତ ପାକିସ୍ତାନ ସୀମାରେଖାରେ ପାକିସ୍ତାନ ସୈନିକମାନେ ଭାରତୀୟ ଯବାନ ମାନଙ୍କୁ ମୁଣ୍ଡକାଟ କରିଦେଲେ, ସେଇ ସମୟରେ ଏହି ପ୍ରକାରର ତତ୍ପରତା ଦେଖାଦେଲା ନାହିଁ କାହିଁକି ? ସେହି ଯବାନ ମାନଙ୍କ ପରିବାରକୁ ପଚାଶ ଲକ୍ଷ ନ ହେଲେ ବି ପଚିଶି ଲକ୍ଷ ଟଙ୍କାର ଅନୁକମ୍ପା ରାଶି ମିଳିଲା ନାହିଁ କାହିଁକି ? ପୋଲିସ୍ ଅଧିକାରୀଙ୍କ ମୃତ୍ୟୁର ଚବିଶି ଘଣ୍ଟା ନ ବିତୁଣୁ ତାଙ୍କ ଘରେ ମୁଖ୍ୟମନ୍ତ୍ରୀ ପହଞ୍ଚିଗଲେ, ଅଥଚ ଦେଶର ସୀମାରେଖାକୁ ସୁରକ୍ଷିତ କରୁଥିବା ଯବାନର ମୃତ୍ୟୁପରେ ଛଅଦିନ ଲାଗିଗଲା ତାଙ୍କ ଘରକୁ ଯିବାପାଇଁ ! ଏହି ପ୍ରକାରର ଅସମାନତା କାହିଁକି ?

ସମ୍ଭବତଃ ଏହାର ଗୋଟିଏ କାରଣ ଏହା ହୋଇପାରେ ଯେ ମୃତ ଡିସିପି ଜଣେ ମୁସଲମାନ ଥିଲେ, ଏବଂ ଉତ୍ତରପ୍ରଦେଶ ରାଜନୀତିରେ ମୁସଲମାନ ଭୋଟବ୍ୟାଙ୍କର ବହୁତ ପ୍ରଭାବ ରହିଛି, ତେଣୁ ତାଙ୍କ ପ୍ରତି ଅହେତୁକ ଅନୁକମ୍ପା ଦେଖାଯାଇଛି, ଅଥଚ ସୀମାରେଖାରେ ଶହୀଦ ହୋଇଥିବା ଯବାନମାନେ ସବୁ ହିନ୍ଦୁ ଏବଂ ସେଥିପାଇଁ ସେମାନଙ୍କ ଭୋଟବ୍ୟାଙ୍କରେ କୌଣସି ପ୍ରଭାବ ପଡ଼ିବ ନାହିଁ, ତେଣୁ ସେମାନଙ୍କୁ ଅବହେଳା କଲେ କିଛି ଅସୁବିଧା ହେବ ନାହିଁ ।

ବିଗତ ମାସରେ ଦିଲ୍ଲୀରେ ରାଜନୈତିକ ପରିସ୍ଥିତି ଉତ୍ତେଜନାମୂଳକ ଥିଲା । ଏକ ତ ବାର୍ଷିକ ବଜେଟ୍ ସମୟ, ଏବଂ ଏହା ଚଳିତ ସାଂସଦ ମାନଙ୍କର ଶେଷ ବର୍ଷ, କାରଣ ୨୦୧୪ରେ ହେବ ସର୍ବସାଧାରଣ ନିର୍ବାଚନ । ନିର୍ବାଚନରୁ ଗୋଟିଏ କଥା ମନକୁ ଆସିଲା । ଆଜିକାଲି ଇଣ୍ଟରନେଟ୍‌ରେ ଭାରତୀୟ ଯୁବପୀଢ଼ି ଗୁଜୁରାତର ମୁଖ୍ୟମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାରତର ଆଗାମୀ ପ୍ରଧାନମନ୍ତ୍ରୀ ବୋଲି ଧରି ନେଇସାରିଲେଣି । ଚାରିଆଡ଼େ ମୋଦିଙ୍କ ମ୍ୟାଜିକ୍ କାମ

କରୁଛି । ଅବସ୍ଥା ଏମିତି ହେଲାଣି ଯେ ଖୋଦ୍ ବିଜେପିରେ ମଧ୍ୟ ଅନେକ ମୋଦିଙ୍କ ପଦାଙ୍କ ଅନୁସରଣ କଲେଣି । ବିଗତ ମାସରେ ଶ୍ରୀ ମୋଦି ଦିଲ୍ଲୀ ସ୍ଥିତ ଏକ ମହାବିଦ୍ୟାଳୟରେ କିଛି ସମୟପାଇଁ ଆତିଥ୍ୟ ଗ୍ରହଣ କରି ଯେଉଁ ଭାଷଣ ଦେଲେ ତାହା ଶୁଣିବାପରେ ଅନେକ ପ୍ରଧାନମନ୍ତ୍ରୀ ଆଶାୟୀଙ୍କ ମନରେ ନିଶ୍ଚୟ ଛନକା ପଶିଥିବ । ଏହା ପରେ ପରେ ଶ୍ରୀ ମୋଦିଙ୍କୁ ସୁଦୂର ଆମେରିକାରେ ଏକ ବିଶ୍ବବିଦ୍ୟାଳୟରେ ଭାଷଣ ଦେବାପାଇଁ ନିମନ୍ତ୍ରଣ ମିଳିଥିଲା ହେଲେ ଆମେରିକା ଦ୍ବାରା ଶ୍ରୀ ମୋଦିଙ୍କ ଭିସା ପ୍ରତ୍ୟାଖ୍ୟାନ କରି ଦିଆଗଲା । ଏଥିରେ ଗୋଟିଏ କଥା ସ୍ପଷ୍ଟ ଜଣା ପଡ଼ିଲା ଯେ, ମୋଦି ରୂପରେ ଆସୁଥିବା ଭାରତର ଭବିଷ୍ୟତ ପ୍ରଧାନମନ୍ତ୍ରୀଙ୍କ ପାଇଁ ପଥ କେବେ ବି ସୁଗମ ରହିବ ନାହିଁ । ଅବଶ୍ୟ ରାଜନୀତିର ଗଳିରେ କେବେ କେଉଁପ୍ରକାରର କୋଣ ଆସିବ କେହି କହିପାରିବେ ନାହିଁ ।

ବିଗତ ପାଞ୍ଚବର୍ଷରେ ଭାରତର ଅର୍ଥବ୍ୟବସ୍ଥାକୁ ରସାତଳକୁ ଠେଲିଦେବାରେ କୌଣସି ପ୍ରକାରର ଅବହେଳା କରାଯାଇନାହିଁ । ଅନେକଙ୍କୁ ଗରିବ ମାନଙ୍କୁ ଅଧିକ ଗରିବ କରିବା ସହିତ ଦେଶର ଅର୍ଥ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରି ଦିଆଯାଇଛି । ଖାଉଟି ସାମଗ୍ରୀର ଦାମକୁ ଅହେତୁକ ଭାବରେ ବୃଦ୍ଧି କରାଯାଇଛି । ପେଟ୍ରୋଲ୍, ଡିଜେଲ୍ ଦରକୁ ନିୟନ୍ତ୍ରଣମୁକ୍ତ କରିଦେଇ ଗ୍ରାହକ ମାନଙ୍କ ଉପରେ ବୋଝ ପକେଇଦେଲେ । ସମସ୍ତ ଖାଉଟି ସାମଗ୍ରୀର ଦାମ ଏବେ ଅହେତୁକ ଭାବରେ ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ରେଳ ଯାତ୍ରା, ବସ ଭଡ଼ା ଓ ଅନ୍ୟାନ୍ୟ ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ବି ବଢ଼ିଯାଇଛି ।

ସାଂପ୍ରତିକ ସମୟକୁ ଅନୁଧ୍ୟାନ କଲେ ଏହା କହିବା ସ୍ବାଭାବିକ ଯେ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇଗଲାଣି । ଏବେ ପରିବର୍ତ୍ତନ ଆବଶ୍ୟକ । ନଚେତ୍ ଏହି ଦେଶରେ ବଞ୍ଚିରହିବା ଅସମ୍ଭବ ହୋଇଯିବ । କଂଗ୍ରେସ୍ ସରକାର ଦେଶକୁ ପଛକୁ ଠେଲି ଦେଇଛନ୍ତି ବୋଲି ସମସ୍ତେ ମତପୋଷଣ କଲେଣି । ବ୍ୟକ୍ତିଗତ ଭାବରେ କୌଣସି ରାଜନେତାଙ୍କୁ ଦୋଷ ଦେଲେ ହେବନି, ଏହା ସମ୍ପୂର୍ଣ୍ଣ ସରକାରୀ ଅବ୍ୟବସ୍ଥାର ଫଳ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସମସ୍ତ ପ୍ରକାରର ଅବ୍ୟବସ୍ଥା ଭିତରେ ମାନସିକ ଶାନ୍ତିର ଘୋର ଅଭାବ ଦେଖାଦେଉଥିବା ସମୟରେ ଆହ୍ବାନର ଏହି ସଂସ୍କରଣ ଆପଣ ମାନଙ୍କୁ ଉପହାର ଦେଉଛି । ଆଶା କରୁଛି ଆପଣ ମାନଙ୍କୁ ପସନ୍ଦ ଆସିବ ।

ଧନ୍ୟବାଦ

ଜ୍ୟୋତି ପ୍ରସାଦ

# ସୂଚୀପତ୍ର


ଧର୍ମନାମରେ ଧ୍ୱନୀ ପ୍ରଦୁଷଣ ୬
ବାଲ୍ମୀକି ନାୟକ

ଆଧୁନିକ କବିତା ୧୧
ରଞ୍ଜନ କୁମାର ପାଣିଗ୍ରାହୀ

ଝିଟିପିଟି କହେ ଅଣାକାର ୧୨
ରଶ୍ମୀରଞ୍ଜନ ଦାସ (ବାପୁ)

ସୁଖ ୧୪
ଉର୍ମିଳା ମିଶ୍ର

ହେ ! ଲୀଳାମୟ ୧୬
ହେନେରୀତା ମିଶ୍ର ପଣ୍ଡା

ଆକାଶବିନା ବର୍ଷା ଅଧା ୧୭
ଶିଳ୍ପଦା ସାମଲ

ତମେ ୨୧
ସ୍ୱରୂପ ମଲ୍ଲ

ନିର୍ମୂଳ ପୁରସ୍କାର ୨୩
ଡ: କୁଳାଙ୍ଗାର

ବର୍ଷା ଓ ବଂଶୀ ୨୫
ଶ୍ୱେତା ଆଚାର୍ଯ୍ୟ

ବସନ୍ତ ଆସିଛି ୨୭
କମଳ କୁମାର ଦାଶ

ଷଣ୍ଢ ଗାଈ ମାଳିକା ବିଚାର ୨୮
ସୁନୀଲ୍ ମିଶ୍ର

ଫେସବୁକ୍-୭ ୩୦
ପ୍ରଶାନ୍ତ କୁମାର ଭୂୟାଁ

କୋଠିର କାହାଣୀ ୩୪
ଚିରଞ୍ଜୀବ କର

ପ୍ରିୟଶତ୍ରୁ ୩୫
ପ୍ରକାଶ ରଞ୍ଜନ ପରିଡ଼ା

ମେଟ୍ରିକ୍ ପରୀକ୍ଷା ୩୬
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଶିଶୁ ସୁରକ୍ଷା ଆଇନ ୨୦୧୨ ୩୭
ଦିଲ୍ଲୀପ କୁମାର ଦାସ

ମୋ ଭ୍ରମଣ କାହାଣୀ ୪୨
ପ୍ରଶାନ୍ତ କୁମାର ଭୂୟାଁ

ବିଶେଷ ସୂଚନା ୪୮



Do You Need Website for Yourself ?

**www.aahwaan.com/tech**

Visit us today for all your Website development needs in Odia.

Or call : 90409 85463 / 98612 24199

# ଧର୍ମନାମରେ ଧ୍ବନୀ ପ୍ରଦୁଷଣ



ବାଲ୍ମୀକି ନାୟକ

ଭାରତ ଏକ ସ୍ବାଧୀନ ଦେଶ ଏବଂ ଏହାର ଅଧିବାସୀ ସ୍ବାଧୀନ ନାଗରିକ ନାମରେ ପରିଚିତ । ଆମର ସମ୍ବିଧାନ ବ୍ୟକ୍ତିଅ ସ୍ବାଧୀନତା ନାମରେ ଅନେକ ସୁଯୋଗ ଦେଇଛି, ଯାହା ଦ୍ବାରା ଆମେ ନିଜକୁ ସ୍ବାଧୀନ ବୋଲି ଅନୁଭବ କରି ପାରିବା । କିନ୍ତୁ ଏହାର ଏକ ବିପରୀତ ଦିଗ ବି ଦେଖିବାକୁ ମିଳୁଛି । ତାହା ହେଉଛି- ସ୍ବାଧୀନତାର ଦୂରୁପଯୋଗ । ସ୍ବାଧୀନତା ନାମରେ କେତେକ ବ୍ୟକ୍ତି, ସଂସ୍ଥା ଓ ସଂପ୍ରଦାୟ ଏଭଳି ଅମାନବୀୟ କାମ କରୁଛନ୍ତି, ଯାହା ଦ୍ବାରା ସମାଜର ଅନେକ ଅପୂରଣୀୟ କ୍ଷତି ବି ହେଉଛି । ସମାଜର ଆବାଳ ବୃଦ୍ଧ ବନିତା ଅଶାନ୍ତିରେ କାଳ କାଟିବାକୁ ବାଧ ହେଉଛନ୍ତି, ଯଦିଓ ଭାରତୀୟ ସଂବିଧାନ ଆମକୁ ସମ୍ପୂର୍ଣ୍ଣ ଅନୁମତି ଦେଇଛି କି ଆମେ ଆମର ଧାର୍ମିକ ନୀତି ନିୟମ ଓ କର୍ମକାଣ୍ଡ ସ୍ବତନ୍ତ୍ର ଭାବେ ପାଳନ କରି ପାରିବା, ତଥାପି ଏହାର ଅର୍ଥ ନୁହେଁ ଯେ ଧର୍ମନାମରେ କରାଯାଉଥିବା କର୍ମକାଣ୍ଡ ବା ଆୟୋଜନ ଦ୍ବାରା ଅନ୍ୟ ଜନସାଧାରଣଙ୍କୁ ଶାରୀରିକ ଓ ମାନସିକ କଷ୍ଟ ଭୋଗ କରିବାକୁ ବାଧ କରିବା । ବିଡ଼ମ୍ବନା ହେଉଛି ଯେ ଆମ ଦେଶରେ ଧର୍ମନାମରେ ଏହି ଭଳି ଅନେକ ଗତିବିଧି ଚାଲିଛି, ଯାହାର ପ୍ରତିକାର ଅସମ୍ଭବ ଲାଗୁଛି ।

ଉଦାହରଣ ସ୍ବରୂପ ଆମେ ଦେଖିବା ପ୍ରତ୍ୟେକ ହିନ୍ଦୁ, ମୁସଲ୍‌ମାନ୍, ଶିଖ୍ ଓ ଖ୍ରୀଷ୍ଟିୟାନ୍ ସଂପ୍ରଦାୟର ପୂଜାସ୍ଥଳରେ ଲାଉଡ଼ସ୍ପିକର ଖଞ୍ଜାଯାଇଛି । ମନ୍ଦିର ମାନଙ୍କରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଭଜନ, ଜଣାଣ ଆଦି ପ୍ରସାରିତ ହେଉଛି । ମସଜିଦ୍ ମାନଙ୍କରେ ପ୍ରତିଦିନ ପାଞ୍ଚଥର 'ଅଜାନ୍' ପ୍ରସାରିତ ହେଉଛି । ଗୁରୁଦ୍ବାରା ମାନଙ୍କରେ ବି ସକାଳ ଚାରିଟାରୁ ଗୁରୁଗ୍ରନ୍ଥ ପାଠ ଆରମ୍ଭ ହେଉଛି । ଗୀର୍ଜାଘର ମାନଙ୍କରେ ବି ସକାଳୁ ପ୍ରାର୍ଥନା ପ୍ରସାରିତ ହେଉଛି, ତାହା ଆଖପାଖର ଜନତାଙ୍କ ପାଇଁ କେତେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛି, ସେ କଥା ଅନୁଭବି ହିଁ ଜାଣିପାରିବେ ।

ଲାଉଡ଼୍‌ସ୍ପିକର୍ ବା ଡାକବାଜୀ ଯନ୍ତ୍ରର ଉପଜୌଗ ବ୍ୟବସାୟିକ ପ୍ରଚାର କିମ୍ବା ପ୍ରଶାସନିକ ସୂଚନା ଦେବାପାଇଁ ହେବାଟା ନ୍ୟାୟସଂଗତ ଲାଗୁଛି । ସେହିଭଳି କେତେକ ଜନଗହଳି ମେଳା ବା ରାଜନୈତିକ ସଭାର ଆୟୋଜନ ବେଳେ ଜନସାଧାରଣଙ୍କୁ ମହତ୍ତ୍ବପୂର୍ଣ୍ଣ ସୂଚନା ଦେବା, ଭିଡ଼କୁ ନିୟନ୍ତ୍ରଣ କରିବା, ବକ୍ତାଙ୍କ ଭାଷଣ ଆଦିକୁ ପ୍ରଚାର କରିବା କାମରେ ଏହି ଯନ୍ତ୍ରକୁ ବ୍ୟବହାର କରାଯାଇଥାଏ । ବସଷ୍ଟାଣ୍ଡ, ରେଳଷ୍ଟେସନ୍, ଏୟାରପୋର୍ଟ୍ ଆଦି ଜନଗହଳି ସ୍ଥାନ ମାନଙ୍କରେ ଆବଶ୍ୟକ ସୂଚନାଦେବା ପାଇଁ ଲାଉଡ଼୍‌ସ୍ପିକର୍ ଯନ୍ତ୍ରର ବ୍ୟବହାରକୁ ଅପରିହାର୍ଯ୍ୟ ଶ୍ରେଣୀରେ ଗଣନା କରାଯିବ । କିନ୍ତୁ ନିୟମିତ ଭାବେ ପ୍ରତିଦିନ ପାଞ୍ଚଥର କିମ୍ବା ଯେ କୌଣସି ସମୟରେ ଲାଉଡ଼୍‌ସ୍ପିକର୍ ଦ୍ବାରା ଭଜନ, ପ୍ରବଚନ, ଅଜାନ୍ ଆଦି ବାରମ୍ବାର ଘୋଷଣା କରିବାର ଔଚିତ୍ୟ କଣ? ଧାର୍ମିକ

ଦୃଷ୍ଟିକୋଣରୁ ବିଚାର କଲେ ସମସ୍ତେ ଏକମତ ହେବେ ଯେ ଯେଉଁମାନେ ଯେଉଁ ଧର୍ମକୁ ମାନୁଛନ୍ତି କିମ୍ବା ଯେଉଁ ଦେବତାଙ୍କୁ ବିଶ୍ବାସ କରୁଛନ୍ତି, ସେମାନେ ନିୟମିତ ଭାବେ ଧାର୍ମିକ ନୀତିନିୟମ ମାନି କର୍ମକାଣ୍ଡ ତ କରୁଛନ୍ତି, ପ୍ରତିଦିନ ସେମାନଙ୍କୁ ମନେ ପକେଇଦେବା କଣ ନିହାତି ଜରୁରୀ? ଭକ୍ତମାନେ କାଳେ ବାଟବଣା ହୋଇ ଅନ୍ୟ କେଉଁ ଆଡ଼କୁ ଚାଲିଯିବେ ବୋଲି ହୁଏତ ଭୟ ରହୁଥିବାରୁ ଡାକବାଜୀ ଯନ୍ତ୍ରଦ୍ବାରା ସୂଚେଇ ଦିଆହେଉଛି ଆସ ଆସ ତୁମର ଧର୍ମସ୍ଥଳ ଏଇଠି ଅଛି | ଏହା ବି ତ ସମ୍ଭବ ନୁହେଁ ଯେ ଗୋଟିଏ ଧର୍ମ ସଂପ୍ରଦାୟର ଲୋକ ଅନ୍ୟ ଧର୍ମସଂପ୍ରଦାୟର ଭଜନ ବା ପ୍ରବଚନ ଶୁଣି ନିଜର ଧର୍ମ ପରିବର୍ତ୍ତନ କରିଦେବେ | ଧର୍ମ ହେଉଛି ମଣିଷର ବ୍ୟକ୍ତିଗତ ଆସ୍ଥା ଦ୍ବାରା ପ୍ରଭାବିତ ଏମିତି ଏକ ସମ୍ବେଦନଶୀଳ ବିଷୟ ଯାହାକୁ ବିନା ଲାଉଡ୍‌ସ୍ପିକରରେ ବି ଧର୍ମ ସହିତ ବାନ୍ଧି ରଖୁଛି | ସେ ସ୍ବଇଚ୍ଛାରେ ହିଁ ବାନ୍ଧି ହୋଇ ରହିବାକୁ ଚାହୁଁଛି | ଯେଉଁ ବ୍ୟକ୍ତି ଭକ୍ତିଭାବନା ଯୋଗୁଁ ସ୍ବଇଚ୍ଛାରେ ପ୍ରାତଃକାଳରେ ଉଠି ନିତ୍ୟକର୍ମ ଶେଷକରି ମନ୍ଦିର, ମସଜିଦ୍, ଗୁରୁଦ୍ବାରା, ଗୀର୍ଜାଘର କିମ୍ବା ଅନ୍ୟ ଧର୍ମସ୍ଥଳକୁ ଯିବା ଅପେକ୍ଷା ଅନ୍ୟ କିଛି ମହତ୍ତ୍ବପୂର୍ଣ୍ଣ କାମ କରିବାକୁ ଇଚ୍ଛା କରୁଛି, ତାଙ୍କୁ ଏହି ଧର୍ମସ୍ଥଳରୁ ଶୁଣାଯାଉଥିବା ଭଜନ ବା ପ୍ରବଚନ ଧର୍ମସ୍ଥଳ ଆଡ଼କୁ ଆକର୍ଷିତ କରିପାରିବନି | ସେଥିପାଇଁ ପ୍ରଶ୍ନ ଉଠୁଛି ଯେ ଲାଉଡ୍‌ସ୍ପିକର ଦ୍ବାରା ଉଚ୍ଚଧ୍ବନୀରେ ପ୍ରଚାର କରାଯାଉଥିବା ଧର୍ମବାଣୀର ଆବଶ୍ୟକତା କାହାପାଇଁ? ଏହାର ଔଚିତ୍ୟ କଣ ?

ଏହାର ଅପକାରିତା ଉପରେ ଯଦି ବିଚାର କରାଯାଏ, ଆମେ ସ୍ପଷ୍ଟ ଭାବରେ ଅନୁଭବ କରିପାରିବା ଯେ କେବଳ ବ୍ୟକ୍ତିଙ୍କୁ ନୁହେଁ ସମଗ୍ର ଦେଶକୁ ଏହି ଧ୍ବନୀ ପ୍ରଦୁଷଣ ଗ୍ରାସ କରି ରଖିଛି | ଉଦାହରଣତଃ ଘରେ ରହୁଥିବା ବୟସ୍କ ବ୍ୟକ୍ତି ଏବଂ ରୋଗଶଯ୍ୟାରେ ପଡ଼ିଥିବା ବ୍ୟକ୍ତିଙ୍କ ମାନସିକ ଶାନ୍ତି ନଷ୍ଟ ହେଉଛି | ବୟସ୍କ ଲୋକମାନଙ୍କୁ ବିଭିନ୍ନ ଆନୁସଙ୍ଗିକ ରୋଗ ଯୋଗୁଁ ରାତିରେ ସହଜରେ ନିଦ ହୁଏ ନାହିଁ | ସେମାନେ ପ୍ରାୟ ପାହାନ୍ତିଆ ପହର ବେଳକୁ ଗାଢ଼ ନିଦରେ ଶୋଇଥାନ୍ତି | ସେହି ସମୟରେ ଘର ପାଖରେ ଥିବା କୌଣସି ଧର୍ମସ୍ଥଳରୁ ଗର୍ଜନ କରୁଥିବା ଲାଉଡ୍‌ସ୍ପିକରର କର୍କଶ ଶବ୍ଦରେ ଯଦି ତାଙ୍କର ନିଦ ଭାଙ୍ଗିଯାଏ, ତେବେ ବିଚାରା ଅସହାୟ ବ୍ୟକ୍ତି ଜଣକ କାହାକୁ ଯାଇ ଅଭିଯୋଗ କରିପାରିବେ ? ଗୋଟିଏ ବୟସ୍କ, ଅସୁସ୍ଥ ଓ ଅସହାୟ ବ୍ୟକ୍ତିଙ୍କ ନିଦ ହରଣ କରିବା ଏବଂ ତାଙ୍କ କାନରେ ନିଜର ଧାର୍ମିକ ଉପଦେଶ, ପ୍ରବଚନ ବା ଭଜନକୁ ଜବରଦସ୍ତି ଠୁସି ଦେବା କଣ ମାନବୀୟ ଧାର୍ମିକ କାର୍ଯ୍ୟ ବୋଲି କହିବା ଉଚିତ ହେବ କି ? ଦେଶର ଏକ ବା ଦୁଇ ନୁହେଁ ହଜାର ହଜାର ଧର୍ମସ୍ଥଳ ମାନଙ୍କ ଦ୍ବାରା ହେଉଥିବା ଧ୍ବନୀ ପ୍ରଦୁଷଣ ବିରୋଧରେ

ଦାବୀ କରାଯାଉଛି । କିନ୍ତୁ ଶୁଣିବାକୁ କେହି ନାହିଁ । ପ୍ରଶାସନର ଅଧିକାରୀଗଣ ଏହା ଏକ ଧାର୍ମିକ ବିଷୟ କିମ୍ବା ଧର୍ମ ସହିତ ଯୋଡ଼ି ହୋଇଥିବା ସମ୍ବେଦନଶୀଳ ମାମଲା ହୋଇଥିବାରୁ କୌଣସି ପ୍ରତିବନ୍ଧ ଲଗେଇବାକୁ ସାହାସ କରୁନାହାନ୍ତି ।

ଏହା ବ୍ୟତୀତ ଆମର ଭବିଷ୍ୟତ ବଂଶଧର ଛାତ୍ର ଓ ଛାତ୍ରୀମାନେ ଧ୍ବନୀ ପ୍ରଦୁଷଣର ଦୟନୀୟ ଭାବେ ଶୀକାର ହେଉଛନ୍ତି । ସେମାନଙ୍କର ପାଠ ପଢ଼ିବାର ଅନୁକୂଳ ସମୟ ହେଉଛି ପ୍ରାତଃକାଳ ଓ ସନ୍ଧ୍ୟା ସମୟ । ଠିକ୍ ସେହି ସମୟରେ ଯଦି ଧର୍ମସ୍ଥଳରୁ ଲାଉଡ୍‌ସ୍ପିକର୍ ରେ ଉଚ୍ଚଧ୍ବନୀରେ ଶବ୍ଦଆସି କାନରେ ବାଜିବ, ତେବେ ପାଠ ପଢ଼ାରେ ବ୍ୟାଘାତ ହେବ ହିଁ ହେବ । ଆଜିର ମହଙ୍ଗା ଯୁଗରେ ପିଲାମାନଙ୍କର ଶିକ୍ଷାପ୍ରାପ୍ତିପାଇଁ ପିତାମାତା ଯଥେଷ୍ଟ ଧନ ଖର୍ଚ୍ଚ କରୁଛନ୍ତି । ପିଲାମାନେ ବି ପ୍ରତିଯୋଗିତାମୂଳକ ବୈଷୟିକ ଶିକ୍ଷାପ୍ରାପ୍ତିକରି ସଫଳ ହେବାପାଇଁ ଦିନରାତି ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି । ସେମାନଙ୍କୁ ପାଠ ପଢ଼ିବାପାଇଁ ଏକ ଶାନ୍ତ ବାତାବରଣ ଯୋଗାଇ ଦେବା କଣ ଆମ ଧର୍ମସଂପ୍ରଦାୟର କର୍ତ୍ତବ୍ୟ ନୁହେଁ ? କିନ୍ତୁ ପରିତାପର ବିଷୟ ହେଉଛି ଯେ ଧର୍ମନାମରେ ଅଧାପାଠ ପଢ଼ି ପୋଥିରେ ଡୋର ବାନ୍ଧି, କର୍ତ୍ତବ୍ୟ ବିମୁଖ ହୋଇ ଯେଉଁ ପଣ୍ଡାପୂଜାରୀଗଣ ଧର୍ମସ୍ଥଳ ମାନଙ୍କରେ ବସି ଭଜନ ବା ପ୍ରବଚନ ଶୁଣାଉଛନ୍ତି, ସେମାନେ କେମିତି ବୁଝିବେ ଯେ ଲାଉଡ୍‌ସ୍ପିକର୍ ଯନ୍ତ୍ର ଧର୍ମଶାସ୍ତ୍ର ପଢ଼ି କେହି ତିଆରି କରିନାହାନ୍ତି ବରଂ ବିଜ୍ଞାନ ପାଠ ପଢ଼ି ତିଆରି କରିଛନ୍ତି । ସେମାନଙ୍କ ପାଇଁ ତ ଭକ୍ତଙ୍କ ମାନସିକ ଦୋହନ କରି ନିଜ ପାଇଁ ଧନ ସଂଗ୍ରହ ଏବଂ ଭକ୍ତଙ୍କୁ ମୋକ୍ଷପ୍ରାପ୍ତିର ମିଥ୍ୟା ପ୍ରତିଶୃତି ହେଉଛି ଅସଲ ଧନ୍ଦା । ପିଲାମାନଙ୍କର ଶିକ୍ଷାରେ ବାଧାପ୍ରାପ୍ତ ହୋଇ ଦେଶର ଯେତେ କ୍ଷତି ହେଲେ ବି ସେମାନଙ୍କ ଆମଦାନୀରେ କୌଣସି ଫରକ ପଡ଼ିବନି, ଏ କଥା ସେମାନେ ଭଲ କରି ଜାଣିଛନ୍ତି । ସେଥିପାଇଁ ଯେଉଁ ପିଲାମାନେ ଏହି ତଥାକଥିତ ଧର୍ମଧାରୀଙ୍କ ନିର୍ଦ୍ଧାରିତ ସୀମାରେଖାକୁ ଲଙ୍ଘନ କରି ନିଜର, ପରିବାରର, ସମାଜର ଏବଂ ଦେଶର ଉନ୍ନତି କରିବାକୁ ଚାହୁଁଛନ୍ତି, ସେମାନଙ୍କ ମୌଳିକ ସମସ୍ୟା ଉପରେ ଗଭୀର ଭାବେ ଚିନ୍ତା କରିବାପାଇଁ କୌଣସି ଧର୍ମଗୁରୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସେମାନଙ୍କ ମତରେ 'ଈଶ୍ବରଙ୍କ ଆଶୀର୍ବାଦ ଏବଂ ଭାଗ୍ୟ ଥିଲେ ଛାତ୍ର ନିଶ୍ଚୟ ଉନ୍ନତି କରିବ । ଅନ୍ୟଥା ଯେତେ ପାଠ ପଢ଼ିଲେ ବି କିଛି ହେବ ନାହିଁ । '

ଉପରୋକ୍ତ ସମସ୍ତ ଉଦାହରଣରୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ ଯଦିଓ ଧର୍ମ କୌଣସି ଭୌତିକ ଉତ୍ପାଦନ ବସ୍ତୁ ନୁହେଁ ଏବଂ ଧର୍ମକୁ ଭୌତିକ ବସ୍ତୁଭାବରେ କାହାକୁ ବିକ୍ରୀ କରିହେବ ନାହିଁ, ତଥାପି ଧର୍ମସ୍ଥଳ ମାନଙ୍କରେ ଲାଉଡ୍‌ସ୍ପିକର୍ ଲଗାଇ ଯେଉଁଭଳି ପ୍ରଚାର କରାଯାଉଛି,

ସେଥିରୁ ଲାଗୁଛି ଯେପରି ସମସ୍ତେ ନିଜର ମାଲ୍ ଅଧିକରୁ ଅଧିକ ବିକ୍ରୀ କରିବାକୁ ପ୍ରତିଯୋଗିତା କରୁଛନ୍ତି ।

ଏହା ବି ଏକ ଅପ୍ରିୟ ସତ୍ୟକଥା ଯେ ଧର୍ମ ବି ଆଜିକାଲି କୌଣସି ଭୌତିକ ବସ୍ତୁଠାରୁ ଭିନ୍ନ ନୁହେଁ । ଆପଣ ଯେତେ ଅଧିକ ଦାନ ଦକ୍ଷିଣା ଦେଇ ପାରିବେ, ସେତେ ଅଧିକ ପୂଣ୍ୟ ପ୍ରାପ୍ତ କରିପାରିବାର ଗ୍ୟାରେଣ୍ଟି ପାଇ ପାରିବେ । ଅନେକ ଧର୍ମବିଶ୍ବାସୀ କିନ୍ତୁ ସ୍ବାର୍ଥନ୍ବେଷୀ ଠକ ବ୍ୟକ୍ତି ବୁଝିସାରିଲେଣି ଯେ ଆଜି ଧ୍ୟାନ, ଧାରଣା, ତପସ୍ୟା ଓ ପ୍ରାର୍ଥନା ଆଦିର କିଛି ମୂଲ୍ୟ ନାହିଁ । ଅଯଥା ସମୟ ନଷ୍ଟ କରି ଘଣ୍ଟା ଘଣ୍ଟା ଧରି ଠାକୁରଙ୍କୁ ପୂଜା କରିବା ଆବଶ୍ୟକ ନାହିଁ । ମନ୍ଦିରକୁ ଯାଅ, ଘଣ୍ଟା ବଜାଅ, ପୂଜାରୀଙ୍କୁ ମନମୁତାବକ ଦକ୍ଷିଣା ଦିଅ କାମ ଶେଷ । ସେ ତୁମପାଇଁ ବାକି ସବୁ କାମ କରିଦେବେ । ଘରକୁ ଫେରି ଅପରାଧ ବୋଧରୁ ମୁକ୍ତ ହୋଇ ନିଜ କର୍ମରେ ବ୍ୟସ୍ତ ରହ । ସେ କର୍ମ, ସୁକର୍ମ ବା କୁକର୍ମ ଚିନ୍ତା କରିବା ଆବଶ୍ୟକ ନାହିଁ । ଅଧିକରୁ ଅଧିକ ଧନ ଉପାର୍ଜନରେ ମନ ଦିଅ । ହଁ ମଝିରେ ମଝିରେ ଧର୍ମସ୍ଥଳକୁ ଯାଇ ପୂଣ୍ୟ ଅର୍ଜନ ପାଇଁ କିଛି ଦକ୍ଷିଣା ଦେଇଦିଅ । ବାସ ସେତିକିରେ ତୁମର ଇହକାଳ ଓ ପରକାଳ ସୁଧୁରିଯିବ । ଏହିଭଳି ଆତ୍ମପ୍ରବଞ୍ଚକ, ସ୍ବାର୍ଥନ୍ବେଷୀ ଓ ଠକ ଭକ୍ତଙ୍କ ଯୋଗୁଁ ଧର୍ମସ୍ଥଳ ଓ ସେଠରେ ଆସ୍ଥାନ ଜମେଇ ବସିଥିବା କାମଚୋର ଧର୍ମଧ୍ବଜାଧାରୀ ମାନଙ୍କ ଜୟଜୟକାର ହେଉଛି । ଯେଉଁଠି ଧନର ବାନା ଉଡୁଛି, ସେଇଠି ଧର୍ମର ବାନା ଏକ ପ୍ରହସନ ହୋଇ ରହିଯାଉଛି ।

ଆମ ସମାଜ ଏବଂ ଧର୍ମର ଏକ ନୈତିକ ଦାୟିତ୍ବ ହେଉଛି ଯେ ଆମର ବୟସ୍କ, ରୋଗୀ ଏବଂ ଅସହାୟ ବ୍ୟକ୍ତିଙ୍କୁ ଯେତେଦୂର ସମ୍ଭବ ସୁଖ ଓ ଶାନ୍ତିରେ ରଖିବା । ଯଦି ସେତିକି କରିବା ସମ୍ଭବ ନୁହେଁ ତେବେ ବି ଆମର କୌଣସି ଅଧିକାର ନାହିଁ ଯେ ରୋଗରେ ପଡ଼ିଥିବା ବ୍ୟକ୍ତି ଓ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ କାନରେ ଜବରଦସ୍ତି ଭଜନ, ଜଣାଣ, ଶୁଣାଇ ସେମାନଙ୍କୁ ମାନସିକ ଭାବରେ ଅଶାନ୍ତି କରିବା । ଏହାକୁ ଧାର୍ମିକ ନୁହେଁ ବରଂ ଅଧାର୍ମିକ ଗତିବିଧି ବୋଲି କୁହାଯାଇ ପାରିବ । ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ଆମେ ବୁଝିପାରିବା ଯେ ସକାଳ ଓ ସନ୍ଧ୍ୟାରେ ପ୍ରକୃତି ପ୍ରଦୁଷଣମୁକ୍ତ ରହେ । ପ୍ରକୃତି କିମ୍ବା ତଥାକଥିତ ଈଶ୍ବର ମାନବ ଜଗତକୁ ଶାନ୍ତ ବାତାବରଣ ପ୍ରଦାନ କରିଥାନ୍ତି କିନ୍ତୁ କିଛି ମାନବ ସେହି ଈଶ୍ବରଙ୍କ ନାମରେ ଲାଉଡ୍‌ସ୍ପିକର୍ ବ୍ୟବହାର କରି ବାତାବରଣକୁ ଅଶାନ୍ତ କରି ଦେଉଛନ୍ତି ।

ଯେତେବେଳେ ଦୁନିଆରେ ଲାଉଡ୍‌ସ୍ପିକର୍ ଉଦ୍‌ଭାବନ ହୋଇନଥିଲା, ସେତେବେଳେ କଣ ଲୋକମାନେ ଧାର୍ମିକ ନଥିଲେ ? ସେତେବେଳେ କଣ ଧାର୍ମିକ ମାନଙ୍କ ସଂଖ୍ୟା କମ ଥିଲା ? ବର୍ତ୍ତମାନ ଜନତାଙ୍କ ମନରେ ଧାର୍ମିକ ଚେତନା ଓ ଧାର୍ମିକ ମାନଙ୍କ ସଂଖ୍ୟା ବୃଦ୍ଧିକରିବାପାଇଁ ଲାଉଡ୍‌ସ୍ପିକର୍ ବ୍ୟବହାର କରିବା ଅତି ଆବଶ୍ୟକ ବୋଲି ହୁଏତ ଧର୍ମଗୁରୁମାନେ ଭାବୁଛନ୍ତି । ଧର୍ମସ୍ଥଳ ମାନଙ୍କରେ ବସିଥିବା ମହାମହିମ ସାଧୁ, ସନ୍ୟାସୀ, ପଣ୍ଡା, ପୁରୋହିତମାନଙ୍କୁ ଗମ୍ଭୀରତା ସହ ବିଚାର କରିବା ଉଚିତ ଯେ, ପିଲ ବୁଢ଼ା ସମସ୍ତଙ୍କୁ ଶାନ୍ତି ଓ ଆରାମ୍ ମିଳିବା ଉଚିତ ।

କେତେକ ପୂଜାପର୍ବ ସମୟରେ ରାତି ଦଶଟାରୁ ସକାଳ ଛଅଟା ପର୍ଯ୍ୟନ୍ତ ଲାଉଡ୍‌ସ୍ପିକର୍ ବଜେଇବା ପାଇଁ ପ୍ରଶାସନ ତରଫରୁ ନିଷେଧାଜ୍ଞା ଜାରି କରାଯାଇଛି । ସେତିକି କଣ ଯଥେଷ୍ଟ? ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ବାଜୁଥିବା ଲାଉଡ୍‌ସ୍ପିକର୍ ଯୋଗୁଁ ଯେଉଁ ଅଶାନ୍ତି ସୃଷ୍ଟି ହେଉଛି, ତାହା କିପରି ବନ୍ଦ ହେବ ? ଏଥିପାଇଁ କେବଳ ପ୍ରଶାସନ ହିଁ ସାହାସର ସହିତ ପଦକ୍ଷେପ ନେଲେ, ଜନତାଙ୍କୁ ମୋକ୍ଷ ମିଳୁ ବା ନ ମିଳୁ, କିନ୍ତୁ ମାନସିକ ସୁଖ ଓ ଶାନ୍ତି ନିଶ୍ଚୟ ମିଳିବ ।

ଆଜି ସନ୍ଧ୍ୟାରେ ବଜାର କରି ଫେରିବା ବେଳେ ବାଟରେ ଗୋଟିଏ ବିଜ୍ଞାପନ ହୋର୍ଡିଂ ଦେଖିଲି, ଲେଖାଥିଲା 'ତୋ ଅଗଣାର ତୁଳସୀ ମୁଁ', ଏହା ଦେଖିବା ପରେ ବିଗତ ଦିନର ହିନ୍ଦୀ ଚଳଚ୍ଚିତ୍ର 'ମେଁ ତୁଲସୀ ତେରେ ଆଙ୍ଗନ୍ କି' କଥା ମନେ ପଡ଼ିଲା । ଆମ ଓଡ଼ିଆ ଟିଭି ଆଉ ସିନେମାବାଲା ଯଦି ସବୁ ହିନ୍ଦୀ ଚଳଚ୍ଚିତ୍ର ଓ ଧାରାବାହିକକୁ ଏମିତି ଅକ୍ଷରେ ଅକ୍ଷରେ ଓଡ଼ିଆକୁ ଭାଷାନ୍ତର କରିବାକୁ ଲାଗିଯିବେ, ତା ହେଲେ କେମିତି ହେବ ? କିଛି ଚଳଚ୍ଚିତ୍ରର ହିନ୍ଦୀ ଓ ଏହାର ଓଡ଼ିଆ ଭାଷାନ୍ତରରେ ନାମ ଦେଉଛି ।

ହମ୍ ଆପକେ ହେଁ କୌନ୍ - ଆମେ ଆପଣଙ୍କର କିଏ ହେ ?

ହମାରା ଦିଲ୍ ଆପକେ ପାସ୍ ହେଁ - ଆମ ହୃଦୟ ତୁମ ପାଖରେ ଅଛି

ହମ୍ ଦିଲ୍ ଦେ ଚୁକେ ସନମ୍ - ଆମେ ହୃଦୟ ଦେଇସାରିଛୁ ପ୍ରିୟେ

ଦୋ ଆଁଖେ ବାରା ହାଥ୍ - ଦୁଇ ଆଖି ବାର ହାତ

ୱାନସ୍ ଅପନ୍ ଏ ଟାଇମ୍ ଇନ୍ ମୁମ୍ବାଇ - ମୁମ୍ବାଇ ସହରରେ ଗୋଟିଏ ସମୟ

ସାୱନ୍ କୋ ଆନେ ଦୋ - ବର୍ଷାଋତୁକୁ ଆସିବାକୁ ଦିଅ

ଜେୱେଲ୍ ଥିଫ୍ - ମଣି ଚୋର

ଆହୁରି ଅନେକ ଚଳଚ୍ଚିତ୍ର ଅଛି, ଏବେ ଆପଣ ମାନେ ନିଜେ ଏଥିରେ ଯୋଡ଼ିକରି କୁହନ୍ତୁ ଆଉ କଣ କଣ ନାଁ ସବୁ ହେଇ ପାରିବ ?

# ଆଧୁନିକ କବିତା



ରଞ୍ଜନ କୁମାର ପାଣିଗ୍ରାହୀ

ଆଜିକାଲି ଆମ ଏ ଓଡ଼ିଶାରେ ରାସ୍ତାଘାଟ, ବଜାର, ଛକ,
ମାଳ ମାଳ ହେଉଛନ୍ତି କେତେ କବି, ଗାଳ୍ପିକ ଆଉ ଲେଖକ ।

ଯୁଗ ଯୁଗ ପରେ ପହଞ୍ଚି ଯାଇଛି ଯୁଗ ଆଧୁନିକ ଆଜି,
କବି କବୟିତ୍ରୀ ଲେଖନୀ ଚଳାନ୍ତି ଏବେ ଆଧୁନିକ ସାଜି ।

ପାରମ୍ପରିକତା ସ୍ବାଦ ଆଉ ମିଳୁନାହିଁ ସାହିତ୍ୟ ସୃଷ୍ଟିରେ,
ଛନ୍ଦ, ଚଉତିଶା ହଜିଛି ଆଜି କାଳର କରାଳ ଗର୍ଭରେ ।

ପୁରୁଣା ସାହିତ୍ୟ ଭଲ ଲାଗୁନାହିଁ କବି ଲେଖକଙ୍କୁ ଆଉ,
ସୁବିଧାବାଦୀ ହୋଇଛି ଦୁନିଆ, କିଏ କ'ଣ କହିବ କହୁ !

କେଉଁଟି ଗଳ୍ପ, କେଉଁଟି କବିତା ଜାଣିବା ତ କଠିନ ଏବେ,
ପଦ ସହ ପଦ ତାଳ ମେଳ ନାହିଁ, ଲେଖନ୍ତି କବିତା ସର୍ବେ ।

ସଜାଇବ ଯଦି ସିଧା ସିଧା କରି କବିତାର ପ୍ରତି ଧାଡ଼ି,
ପାଲଟିବ ତାହା କ୍ଷୁଦ୍ରଗଳ୍ପଟିଏ ପାଖାପାଖି ଦେଲେ ଯୋଡ଼ି ।

ବୋଲନ୍ତି ସର୍ବେ, ଆମେ ଲେଖୁଅଛୁ ନୂତନ ଶୈଳୀର କବିତା,
ନୂତନ ଶୈଳୀ ମାନେ ନୁହେଁ ତୁମେ ଗଳ୍ପକୁ କରିବ କବିତା ।

ମନକୁ ପଚାର, ସାହିତ୍ୟ କେତେ ସମୃଦ୍ଧ ଏପରି ଲେଖାରେ,
ପଚାରିଲେ ଉତ୍ତର ପାଇବ, ସନ୍ଦେହ ଉପୁଜେ ମୋ ମନରେ ।

# ଝିଟିପିଟି କହେ ଅଣାକାର



ରଶ୍ମୀରଞ୍ଜନ ଦାସ(ବାପୁ)

ଗର୍ଭେ ଯେବେ ମା’ ଶିଶୁଟିକୁ ଧରିଥାଏ,

ଗର୍ଭବାସ ମହାଦୁଃଖ ହେଲେ ସହିଯାଏ - ୧

ଭୂମିଷ୍ଠ ହେଲା ପର୍ଯ୍ୟନ୍ତ ଅକଥ ଯନ୍ତ୍ରଣା,

ସହେ ପୁଣି ପ୍ରାଣଘାତି ପ୍ରସବ ବେଦନା - ୨

ସବୁ ସହି କାୟା ଦହି(ଦହନ)କରେ ତାକୁ ବଡ଼

ସହି ଯେହ୍ନେ ପାରେ ସିଏ ସଂସାରର ଝଡ଼ - ୩

ନିଜ ସୁଖ କରି ତୁଚ୍ଛ ତା ଦୁଃଖ ଲିଭାଏ

ଅନ୍ତ କାଳେ ଆଶ୍ରା ଭାବି ଆନନ୍ଦରେ ଜୀଏଁ.. - ୪

ବାର୍ଦ୍ଧକ୍ୟ ଆସିଲେ ସିଏ ନିଶ୍ଚେଁ ସାହା ହବ

ଅନ୍ତକାଳେ ତୁଣ୍ଡେ ପୁଣି ଗଙ୍ଗାଜଳ ଦେବ.. - ୫

ଯୌବନ ଆସଇ ଧୀରେ ସମୟାନୁକ୍ରମେ

ଶିଶୁ ହୁଏ ଯୁବକ ପ୍ରେମ ଜାଗେ ତା”ରମନେ... - ୬

ଖୋଜି ଖୋଜି ପାଏ ଯେବେ ସାଥୀ ଜୀବନର

ଭାବେନା ସେ ମା” କଥା ଆଗ ପରକାର... - ୭

ଏବେ କାଳେ ତା”ପ୍ରେମିକାତାହାପରିବାର

ମା”ଏବେସତେଆଉଲୋଡ଼ାନାହିଁତା”ର.. - ୮

ଦେଖି ଏଇ ଅଜବ୍ ବେଭାର...

ଝିଟିପିଟି କହେ ଅଣାକାର.

ଯଉବନ ଧୀରେ ଧୀରେ ଗଡ଼ିଚାଲିଥାଏ

ସଂସାର ଜଂଜାଳ ଅତି ଗହନ ଯେ ହୁଏ.. - ୯

ପିତୃତ୍ବ କୁ ଲଭେ ସିଏ ବଢେ ପରିବାର

ମନେ ପଡ଼େ ମା" କଥା ତାକୁ ସେକାଳର.. - ୧୦

ମା"କୋଳେ ଆନନ୍ଦରେ ସେ ଶୋଇ ପଡ଼ନ୍ତା

ସବୁ ଦୁଃଖ ଚିନ୍ତା ଆଦି ଅଚିରେ ଲିଭନ୍ତା.. - ୧୧

ଅଏ କଥା ଭାବି ମନ ହୁଅଏ ବ୍ୟାକୁଳ

ଫେରିବାକୁ ଚାହେଁ ସିଏ ମା" ପାଦତଳ.. - ୧୨

ଯାଏ ଯେବେ ସବୁ ଭୁଲି ଘରକୁ ଦଉଡ଼ି

ହବା ପାଇଁ ସିଏ ପୁଣି  ମା" ଆଶାବାଡ଼ି... - ୧୩

ସମୟ ତାହାକୁ କିନ୍ତୁ ଦିଏନି ସେଥିର ସୁଯୋଗ

ମା" ଏବେ ସ୍ବର୍ଗବାସୀ ସିଏ ହୁଏ ହତଭାଗ୍ୟ.... - ୧୪

କାନ୍ଦି କାନ୍ଦି ହେଉଥାଏ ଶୋକରେ ଅଧୀର

କୃତ କର୍ମ ଭାବି କରେ ନିଜକୁ ଧିକ୍କାର.... - ୧୫

ପୁଣି ଦେଖି ଏମନ୍ତ ବେଭାର

ଝିଟିପିଟି  କହୁଥାଏ ଅଣାକାର... - ୧୬

ସତରେ ଏ ମଣିଷ କେଉଁ ପ୍ରକାରର ???

ଚିହ୍ନି ପାରନ୍ତିନି କେହି ..

ମାପି ପାରିବେନି କେହି ତାହାର ଅଜବ ଆଚାର

ତେଣୁ ଝିଟି ପିଟି ଠିକ୍ କହିଛି..  ଅଣାକାର

# ସୁଖ



ଉର୍ମିଳା ମିଶ୍ର

ସୁଖ କେଉଁଠି ?
ଦୁଃଖ ଶେଷ ତ
ସୁଖର ଆରମ୍ଭ
କାମନାର ବିନାଶରେ
ଦୁଃଖର ବିନାଶ
(ବୁଦ୍ଧବାଣୀ)
କାମନା ଯିବ ନା
ସୁଖ ଆସିବ !!!

ପ୍ରଧାନ ବୁଢ଼ା ହାତରେ
ପ୍ରବାସୀ ପୁଅର ଚିଠି
ଆଖି ତଳ ଓଦା
ସୁଖରେ ନା ଦୁଃଖରେ !
ବୁଢ଼ୀ ମା' ସଞ୍ଜବତୀ ଜାଳେ
ଚଉରା ମୂଳେ
(ସୁଖ ମନାସୁଥାଏ)
ତୁମେ କୁହ ଏଇ ସବୁ ଦେହ ସୁହା
ନୀଳ ଦ୍ବୀପର ଚାରିପାଖେ
ବାଲିର ସ୍ତୁପ
ଏକ ବିରାଟ ଶୂନ୍ୟତା
ଛାତିରେ ଛାତିରେ ଯନ୍ତ୍ରଣା
ଧରି ବୁଲୁଛ
ପ୍ରତାରଣା ନିଆଁରେ ଜଳୁଛ ।

ସୁଖ କଣଥାଏ ତେବେ
ପ୍ରବାସୀ ପୁଅର ଉନ୍ନତିରେ
ନା ଯନ୍ତ୍ରଣାରେ ବି
ମନେ ପଡୁଥିବା
ତୁମ ପ୍ରେମିକା ସ୍ମୃତିରେ !!!

ମୁଁ କିନ୍ତୁ ପାଇଛି ସୁଖ
ଫୁଲର ମହକରେ
ବଉଳା ପବନର ସ୍ପର୍ଶରେ
ନିଷ୍ପାପ ଶିଶୁର ଦରୋଟି କଥାରେ
ଆଉ ତୁମ ହୃଦଖୋଲା
ପ୍ରେମ ଆଲିଙ୍ଗନରେ ।

ବିଶ୍ୱ ମହିଳା ଦିବସ ଉପଲକ୍ଷେ ସମସ୍ତ
ଓଡ଼ିଆ ମହିଳା ମାନଙ୍କୁ ସସ୍ନେହ,
ସସମ୍ମାନ ଅଭିନନ୍ଦନ
ଆହ୍ୱାନ ଓଡ଼ିଆ ପରିବାର

www.facebook.com/odiaparibar

# ହେ ! ଲୀଳାମୟ



ଡ଼ ହେନେରୀତା ମିଶ୍ର ପଣ୍ଡା

ଥରୁଟିଏ..

ଭାଙ୍ଗିଦିଅ ପ୍ରଭୁ,

ଅହଂ ର ସେ ମେଘନାଦ ପାଚେରୀ ଟା କୁ..

ଫିଙ୍ଗିଦିଅ ଗୋଟି ଗୋଟି କରି..

ବଡିମା ର ସକଳ ରତ୍ନ ପରିପାଟୀ

ଓହ୍ଲାଇଆସ ..ସ୍ୱାର୍ଥ ର ସେ ରତ୍ନବେଦୀ ପରୁ..

ହେ, ମୋ ଲୀଳାମୟ

ଆର୍ଯ୍ୟ ଓ ଅନାର୍ଯ୍ୟ ର ଦେବତା

ପରଂବ୍ରହ୍ମ, ମହାବାହୁ..

ମୋ ନୀଳାୟିତ ପୁରୁଷୋତ୍ତମ

ତେଜି ତବ ସକଳ ବିଭବ

ଫେରି ଆସ ..ପୁଣିଥରେ,

ମାଟି ହୋଇ ମାଟିରେ ମିଶ

ନିତି ଭାଙ୍ଗି ଗଢା ହୁଅ ନିରୁତା ପ୍ରାଣ ରେ..

ତୁଚ୍ଛା ବାହସ୍ପଟ, ମଦମତ୍ତ ଲୋକାଚାର କୁ..

ପଦାଘାତ କରି..

ଏକୀଭୂତ ହୁଅ ଏ ମାଟିର ଘଟ ରେ..

କଥା ଦଉଛି ତୁମକୁ..

ଫେରେଇ ଦେବି..

ତୁମ ର ସେ ଅତି ଆପଣାର ବିଶ୍ୱାବସୁ..

ସୋରିଷକ୍ଷେତ ପୁଣି..

ଧରେ ଧାରେ.. ମମତା ର ସରାଗ !!

# ଆକାଶ ବିନା ବର୍ଷା ଅଧା



ଶିଳ୍ପଦା ସାମଲ

ଆକାଶଙ୍କ ସହିତ ପ୍ରଥମ ଦେଖା ମନେଅଛି ମୋର । ସେଦିନ ଓଡିଆ ସାହିତ୍ୟ ସେମିନାର ର ସବୁତିକ ଦାୟିତ୍ବ ଥିଲା ମୋ ଉପରେ । ଗୁରୁ ବାର ବାର କରି କହୁଥିଲେ ମା ବର୍ଷା ମୋ ଅତିଥୀ ଙ୍କ ସ୍ବାଗତ ରେ କିଛି ଯମା ବି ଅସୁବିଧା ନ ହୁଏ ଯେମିତି । ଆଶ୍ରମ ର ପ୍ରତେକ କର୍ମଚାରୀ ଙ୍କୁ ଦାୟିତ୍ବ ଦେଇ ସାରିଲା ପରେ ରହିଗଲା ଅତିଥୀ ସ୍ବାଗତ ର ଦାୟିତ୍ବ । ଆଉ ଗୁରୁ ଙ୍କ ଇଛା କୁ ନେଇ ଅତିଥୀ ସ୍ବାଗତ ର ଦାୟିତ୍ବ ମୋ ନିଜ ଦାୟିତ୍ବ ରେ ରଖି ଥିଲି । ଆଶ୍ରମ ର ବିଧି ଅନୁସାରେ ସିନ୍ଦୁର ଅରୁଆ ଚାଉଳ ଆଉ ଫୁଲ ରେ ସ୍ବାଗତ କରାଯିବ ଅତିଥୀ ମାନଙ୍କୁ । ସବୁ ଅତିଥୀ ଆସିଲା ପରେ କେବଳ ଜଣ ଙ୍କ ର ଅଭାବ ଥିଲା । ଆଉ ଯାହା ଲାଗି ଗୁରୁ ମୋତେ ବାର ବାର କହିଥିଲେ ମୋ ଆକାଶ ର ଯେମିତି କିଛି ଅସୁବିଧା ନ ହୁଏ । ସେ ବହୁତ ଦିନ ପରେ ଆସୁଛି ଆଶ୍ରମ । ଗୁରୁ ଙ୍କ ପାଖ ରୁ ଶୁଣିଛି ଆକାଶ ଙ୍କ ବିଷୟ ରେ ବହୁତ ଥର । ପିଲାଦିନେ ସେ ବହୁତ ଦୁଷ୍ଟ ଥିଲେ ସେଥିଲାଗି ତାଙ୍କ ବାପା ତାଙ୍କୁ ଗୁରୁ ଙ୍କ ପାଖରେ ଛାଡି ଥିଲେ । ଗୁରୁ ବି ଆକାଶ କୁ ବହୁତ ଭଲ ପାଉଥିଲେ ନିଜ ପୁଅ ପରି । ସବୁବେଳେ କହନ୍ତି ଆକାଶ ମୋ ପୁଅ । ଆଉ ଗୁରୁ ଙ୍କ ପାଖ ରୁ ଏ କଥାଟା ବି ଶୁଣିଛି ଯେ ଆକାଶ ମୋ ଠାରୁ ଦୁଇ ବର୍ଷ ବଡ । କିନ୍ତୁ ଗୁରୁ ଆଜି ଆକାଶ ର ଆସିବା କଥା ରେ ଏତେ ବ୍ୟସ୍ତ ହଉଥାନ୍ତି ଯେ ମା ସେ ଆସିଲା କି ନାହିଁ ପଚରି ଚାଲିଛନ୍ତି । ମୁଁ କହିଲି ଗୁରୁ ଙ୍କୁ ଯଉ ମଣିଷ କୁ ସମୟ ର ଚିନ୍ତା ନାହିଁ ଗୁରୁ ତାକୁ କାହିଁ କି ଏତେ ଭଲପାଉଛନ୍ତି ଏତେ ଖୋଜୁଛନ୍ତି । ଗୁରୁ ହସି କି କହିଲେ ତୁ ଯାହା ଭି କହିଲେ ସେ ମୋ ଆକାଶ ମୁଁ କହିଲି ମୁଁ ଏ ପରି ଲୋକ କୁ କେବେ ନିଜ ର ଆକାଶ ବୋଲି କହୁନି । ପିଲା ଟି ଦିନ ରୁ ମୁଁ ଗୁରୁ ଙ୍କ ଆଶ୍ରମ କୁ ଯାଏ । ଯାଣିନି କଣ ପାଇଁ ଗୁରୁ ଆଉ ଆଶ୍ରମ ଉଭୟ ଙ୍କ ଉପରେ ମୋର କିଛି ଅଲଗା ଆକର୍ଷଣ୍ ଥାଏ । ସବୁ ବର୍ଷ ଛୁଟି ରେ ଯିଦି କରି ଛୁଟି ଟା ସାରା ଆଶ୍ରମ ରେ ଗୁରୁ ଙ୍କ ପାଖ ରେ ରହେ । ଜଣା ବି ପଡେ ନି ଆଶ୍ରମ ରେ ଗୁରୁ ଙ୍କ ସହିତ ସମୟ କେମିତି କଟେ । ମୁଁ ଛୁଟି ରେ ଯାଉ ଥିବା ରୁ ଆକାଶ ଘର କୁ ଯାଇ ଥାଏ । ଆଉ ମୁଁ ଛିଟି ର କିଛି ଦିନ ଆଗରୁ ଘର କୁ ଆସିଯାଏ । ଆଉ ଆକାଶ ଛୁଟି ପରେ ଆଶ୍ରମ କୁ ଫେରେ ସେଥିଲାଗି ଆକାଶ ସହିତ ମୋର କେବେ ଦେଖା ହେଇନି । ଗୁରୁ ସବୁବେଳେ କହନ୍ତି ଆକାଶ ଙ୍କ ର ଓଡିଆ ସାହିତ୍ୟ ଉପରେ ବହୁତ ଦକ୍ଷତା ଆଉ ତାଙ୍କ ନିଜ ଯିଦି ରେ ସେ ଆଜି ଜଣେ ଅଧ୍ୟାପକ ହେଇପାରିଛନ୍ତି ନିଜ ସାହିତ୍ୟ ରେ ଲୋକଙ୍କ ଙ୍କ ମନ କିଣିଛନ୍ତି ।

ଗୁରୁ ଙ୍କ ର  ପ୍ରତେକ ଦିୟିତ୍ଵ କୁ ନିଯେ ପୁରା କରିଛନ୍ତି |   ସେ ତାଙ୍କ ର ପ୍ରତେକ ଲେଖା ରେ ଗୁରୁ ଙ୍କୁ ତାଙ୍କ ର ଆଦର୍ଶ ବୋଲି ପ୍ରଣାମ ବି କରନ୍ତି |  ମୁଁ ବି ମାନେ ଆକାଶ ଯଣେ ବହୁତ୍ ଭଲ ଲେଖକ |   ଏ କଥା ଭିତରେ ଯଣେ କେହି ପଛରୁ ଡାକିଲେ ଆକାଶ ବାବୁ ଆସିଲେଣି |  ଗୁରୁ ଙ୍କ ଆଖିରେ ଲୁହ ମିଶା ଖୁସି ର ଝାସ ଦେଖାଗଲା |  ଗୁରୁ ଭାବ ବିହୋଳ ହେଉ ଉଠି ଗଲେ ଆକାଶ ଙ୍କ ପାଖ କୁ  |   ଆକାଶ ଗୁରୁ ଙ୍କୁ ପାଦ ଛୁଇଁଲା ପରେ ଗୁରୁ ତାଙ୍କୁ ସେମିନାର ହଲ ଆଡକୁ ଆଣି ମୋ ଆଗରେ ଛିଡା କରି କହିଲେ ନେ ମୋ ଆକାଶ ଆସିଗଲା  |  ସ୍ବାଗତ ଥାଳୀ ଆଣୀ ସିନ୍ଦୁର ନେଇ ଆକାଶ ଙ୍କୁ ଅନେଇଲି  |   ଆକାଶ ଙ୍କ ଶ୍ୟାମଳ ବର୍ଣ୍ଣ ର ସୁନ୍ଦର ଆଖି କୁ ଦେଖି ସ୍ଥିର ରହିଗଲି  | ଆକାଶ ପାଖା ପାଖି ୬ ଫୁଟ ହେବେ  |  ମୁଁହ ର ଗଢଣ ଏତେ ସୁନ୍ଦର ଆଉ ମୁଁହ ରେ ଛୋଟ ହସ ଧାର ଟେ  |  ଯାହାକି ଗୋଟେ ଝିଅ ର ମନ କୁ ଦୁର୍ବଳ କରିବାକୁ ବହୁତ ବେଶି  |  ଆକାଶ ଙ୍କ ଚାହାଣି ରୁ ତାଙ୍କ ଉଦାରତା ଜଣା ପଡୁଥିଲା  |

ହଠାତ କହିଲେ ବର୍ଷା କେମିତି ଅଛ  |  ମୁଁ ଫେରି ଆସିଲି ସ୍ଥିରତା କୁ  |  ପଚାରିଲି ଆପଣ କେମିତି ଜାଣିଲେ ମୁଁ ବର୍ଷା ବୋଲି  |   ଗୁରୁ ଙ୍କ ର ତ ଗୋଟେ ଗେହ୍ଲି ଝିଅ ଆଉ ତା କଥା ଗୁରୁ ଏତେ କହନ୍ତି ଯେ ଶୁଣି ଶୁଣି ମନରେ ଗୋଟେ ଛବି ଆଙ୍କି ହେଇ ସାରିଥିଲା ଆଉ ଯାହା କି ମିଶି ବି ଗଲା ତୁମ ସହିତ  |  ମୁଁ ହସି ତାଙ୍କୁ ଷ୍ଟେଜ ଦେଖେଇଦେଲି  |  ସବୁପରେ ତଥାପି ରାତି ଆଠ ଟା ପାଖା ପାଖି ହୋଇଯାଇଥିଲା ସେମିନାର ସରୁ ସରୁ  |  ସବୁ କାମ ସରିଲାପରେ ମୁଁ ଫେରିଲି ରୁମ କୁ  |   ରାତି ୧୧ ପାଖା ପାଖି ଗଲି ଗୁରୁ ଙ୍କ ପାଖ କୁ ଆଶ୍ରମ ରେ ରହିଲେ ପ୍ରାୟ ତ ରାତି ୧୨ ହେଇଯାଏ  ଗୁରୁ ଙ୍କ ସହିତ କଥା ହେବା ରେ  |  ମୁଁ ଗୁରୁ ଙ୍କୁ ଡାକି ଦେଇ ରୁମ ଭିତର କୁ ପଶିଗଲି |   ହଠାତ ଆକାଶ ଙ୍କୁ ଦେଖି  ମୁଁ ରୁମ ରୁ ବାହାରି ଆସୁଥିଲି ଗୁରୁ କହିଲେ ନାଁ ମା ତୁ ଭିତରକୁ ଆସେ  |   କଥା ହେବା ସମୟ ରେ ଗୁରୁ କହିଲେ ମା ଜାଣିଛୁ ମୋ ଆକାଶ ଆଉ ତୁ ଉଭୟ ଗୋଟେ ମାସ ମୋ ପାଖ ରେ ରହିବ  |   ପ୍ରଥମ ପ୍ରେମ ର ପହିଲି ପାହାଚ ଯେ କେତେ ରୋମାଞ୍ଚଅକର ତାହା ମୁଁ ଆକାଶ ଙ୍କୁ ଦେଖିଲାପରେ ଅନୁଭବ କଲି  |    ହଠାତ୍ ଦିବ୍ୟା ଆସି ଡାକିଲା ରୁ ମୁଁ ବାହାରକୁ ଆସିଲି  |  ଦିବ୍ୟା ପ୍ରଥମ ଥର ପଇଁ ମୋ ସହିତ ଆଶ୍ରମ କୁ ଆସିଥିଲା  | ଦିବ୍ୟା ମୋର ପିଲାଦିନ ର ସାଙ୍ଗ ମୁଁ ଭାବିଥିଲି ଦିବ୍ୟା କୁ ଆକାଶ ଙ୍କ କଥା କହିବି କିନ୍ତୁ ମୁଁ

ଯେତବେଳେ ଦିବ୍ୟା ପାଖରେ ପହଞ୍ଚିଲି ଦିବ୍ୟା କହିଲା ବର୍ଷା ଆକାଶ ଙ୍କ ର ମୋର ଯୋଡି କେମିତି ଲାଗାବ | ପ୍ରଥମ ଦେଖା ରେ ମୁଁ ତାଙ୍କୁ ଭଲପାଇବସିଛି | ମୁଁ ଗୋଟେ ହସ ର ସହିତ ହଁ ଭରି ବାହାରକୁ ଆସିଗଲି | ଦିବ୍ୟା ବହୁତ ସୁନ୍ଦର ଥିଲା | ଆସ୍ତେ ଆସ୍ତେ ଦିବ୍ୟା ଆଉ ଆକାଶ ଙ୍କ ର ବନ୍ଧୁତା ବଢିଲା କିନ୍ତୁ ଦିବ୍ୟା ଆକାଶ ଙ୍କୁ ଭଲପାଇବା କଥା କହିଲା ବେଳେ ଆକାଶ ଦିବ୍ୟା କୁ ମନା ବି କରିସାରିଥିଲେ | ଦିବ୍ୟା ବହୁତ୍ କାନ୍ଦି ଥିଲା ସେ ଦିନ ରାତି ରେ | ଦିବ୍ୟା ଆକାଶ କୁ ଏକା ସହିତ ଦେଖିବାକୁ ମୁଁ ବହୁତ ଚେଷ୍ଟା ବି କରିଥିଲି | କିନ୍ତୁ ଗୋଟେ ଦିନ ସଂନ୍ଧ୍ୟା ରେ ଗୁରୁ ଡାକି କହିଥିଲେ ମା ମୋ ଆକାଶ ଭାରି ଲାଜ କୁଳା ପିଲାଟା କେବେ ଝିଅ ଙ୍କ ସହିତ କଥା ହୁଏନି ସେ ତୁ ଟିକେ ତା କଥା ବୁଝୁଥିବୁ ମୁଁ ହଁ କହି ଆସିଥିଲି କିନ୍ତୁ ଯାଣିନି କଣ ପାଇଁ ମୋତେ ସେଠୁ ଫେରି ଆସିବାକୁ ଇଛା ହୋଉଥିଲା | କିନ୍ତୁ ଗୁରୁ ଙ୍କ ମନ କୁ ବୁଝି ଆସି ବି ପାରୁ ନ ଥିଲି | କିନ୍ତୁ ଆକାଶ ଙ୍କ ର ଏ ପରି କଥା ପରେ ଦିବ୍ୟା ଫେରି ଆସିଥିଲା | ତା ପରେ ଆକାଶ ଙ୍କ ସହିତ ରହିଲା ପରେ କିଛି ଦିନ ଭିତରେ ବନ୍ଧୁତ୍ଵ ହୋଇ ସାରିଥିଲା ମୋର | ଆକାଶ ଯେ ମୋତେ ଭଲ ପାଉଥିବେ ଏ କଥା ମୋର ଭାବିବା ବି ଭୁଲ ମୁଁ ଭାବି ସାରିଥିଲି | ହଠାତ ଦିନେ ସନ୍ଧ୍ୟା ରେ ପ୍ରବଳ ବର୍ଷା ଉଠେଇ ଥିଲା | ଗୁରୁ କିଛି କାମ ରେ ଆଶ୍ରମ ରୁ ଦୁଇ ଦିନ୍ ଲାଗି ବାହରକୁ ଯାଇଥିଲେ | ହଠାତ ଆକାଶ ବାହାରକୁ ଆସି ମୋ ପାଖ ରେ ଠିଆ ହେଇ କହିଲେ ବର୍ଷା ଜାଣିଛ ଗୁରୁ କହନ୍ତି ତୁମକୁ ବର୍ଷା ବହୁତ ପସନ୍ଦ ମୁଁ ହସି ଦେଲି ଆଉ ଗୋଟେ ବିଜୁଳି ଆଲୋକ ରେ ଆକାଶ ଙ୍କ ର ବହୁତ୍ ପାଖ ରେ ଥିଲି | ଜାଣିନି ସେ ସମୟ ରେ କଣ ଥିଲା ଯେ ଆକାଶ ଙ୍କ ପାଖରେ ମୁଁ ନିଜକୁ ସମର୍ପି ଦେଇଥିଲି ଖାଲି ତାଙ୍କ ଇଛା ରେ | ଗୋଟେ ଝିଅ ପାଇଁ ତା ଜିବନ ର ପ୍ରଥମ ସିହରଣ ର ମୁଲ୍ୟ ମୁଁ ଅନୁଭବ କରିଥିଲି ସେ ସମୟ ରେ | ନିଜ ଅଜାଣ ତ ରେ ମୁଁ ବନ୍ଧା ପଡିସାରିଥିଲି ଆକାଶ ଙ୍କ ପାଖ ରେ | ପ୍ରକୃତ ରେ ନିଜେ ଜଣେ ପୁରୁଷ ପାଖ ରେ ବନ୍ଧା ପଡିଲା ପରେ ମୁଁ ସେଥିରୁ ବାହାରିବା ର ରାସ୍ତା ଭୁଲି ସାରିଥିଲି | ଆଉ ଚାଲିଥିଲି ଏମିତି ଏକ ମରିଚିକା ପଛରେ ଯେ କି ଠିକ ଆକାଶ ଙ୍କ ପରି ସୀମାହୀନ | ନାଁ ତାର ଆରମ୍ଭ ଆଛି ନା ଶେଷ | ହଠାତ ଆକାଶ ଙ୍କ ର ଦିନେ ଗୋଟେ ଚିଠି ପାଇଥଲି ଯଉଥିରେ ଲେଖା ଥିଲା କି ବର୍ଷା ମୁଁ ତୁମର ବନ୍ଧୁତ୍ଵ ଚାହେଁ ନା କି ତୁମ ଭଲ ପାଇବା | କାହିଁକି ନା ତୁମେ ଜଣେ ବହୁତ ଭଲ ଝିଅ ତୁମ ସହିତ ମିଶିବାକୁ ଭଲ ଲାଗେ ତୁମ ସହିତ କଥା

ହେବାକୁ ଭଲ ଲାଗେ କିନ୍ତୁ ତୁମକୁ ଭଲ ପାଇବା ମୋ ପାଇଁ ସମ୍ଭବ ନୁହେଁ | ମୁଁ କାରଣ ଜାଣିବାକୁ ଚାହିଁଲା ପରେ ଚିଠି ର ଆର ପାଖ ରେ ତାର ଉତ୍ତର ବି ଲେଖା ଥିଲା ଯେ ମୁଁ ପ୍ରେମ ର ପରିଭାଷା ବୁଝିପାରେନି | ଏହା ଅସମ୍ଭବ କାରଣ ମୁଁ ଆଜି ନଥିଲେ କାଲି ତୁମକୁ ମନା କରିବି | ସେତବେଳେ ମୁଁ ଚିହୁଁନି ତୁମେ କଷ୍ଟ ପାଅ ଏବେ ଏ ବହୁତ କମ ଦିନ ର କଥା ତୁମକୁ ବି ଭୁଲିଜିବକୁ ସହଜ ହେବ ଆଉ ଜିବନ ସାରା ଭଲ ବନ୍ଧୁ ହେଇକି ରହିବା | ତା ପରେ ଆକାଶ ଙ୍କ ରୁମ କୁ ଯାଇ ଦେଖିଲା ବେଳ କୁ ଆକାଶ ନ ଥିଲେ ଥିଲା ଗୋଟେ କାଗଜ ରେ ତାଙ୍କ ଫୋନ ନଂମ୍ବର | କିଛି ସମୟ ଭିତରେ ଯେମିତି ଲାଗିଲା ପାଦ ତଳୁ ମାଟି ଖସିଯାଉଛି | ଫୋନ ଉଠେଇଲି ଆଉ ଆକାଶ ଙ୍କୁ ଏ କଥା ଟା ବି କହିଲି କି ଆକାଶ ମୁଁ ତୁମର ବନ୍ଧୁତ୍ୱ ଚାହେଁନି କି କିଛି ବି ସଂମ୍ପର୍କ ର ଛୋଟ ସେତୁ ବନ୍ଧ ଟି ଏ ବି ଚାହୁଁନି | କିନ୍ତୁ ଆକାଶ ଙ୍କ ଜିଦି ରେ ମୋ ଉତ୍ତର ବନ୍ଧୁତ୍ୱ ରେ ହଁ ଭରି ସାରିଥିଲି | ମନ ର ଭଲପାଇବା କୁ ଚାପି ରଖିଦେଲି କେବଳ ନିଜ ଭଲ ପାଉଥିବା ମଣିଷ କୁ ପାଖରେ ପାଇବାକୁ | ବନ୍ଧୁତ୍ୱ ର ପରିସୀମା ରେ ଥାଇ ମୁଁ ବୁଝିପାରୁଛି ଆକାଶ ର ଭଲ ମନ୍ଦ ବୁଝିପାରୁଛି ତା ର ସ୍ପନ୍ଦନ କୁ କିନ୍ତୁ ଆସନ ପାଇଛି ତା ବାନ୍ଧବି ର | ବନ୍ଧୁତ୍ୱ ର ପରିସୀମା ରହି ଥରେ ପଚାରିଥିଲି ଆକାଶ ତୁମେ ଯାହାକୁ ନିଜ ଜୀବନ ରେ ଆଣିବ ସେ ଝିଅ କେମିତିକା ହେଇଥିବ ଆଉ ଆକାଶ ଉତ୍ତ ର ରେ କହିଥିଲେ ସେ ସରଳ ସୁନ୍ଦର ଆଉ ଆଉ ମୋତେ ବୁଝିପାରୁଥିବ ଭାବିଲି କିଛି ସମୟ ତା ପରେ ସ୍ଥିର କରି ସାରିଥିଲି ଜୀବନ ର ରାସ୍ତା ଆସ୍ତେ ଆସ୍ତେ ଦୁରେଇ ବା ଆରମ୍ଭ କରିସାରିଥିଲି ଆକାଶ ଙ୍କ ପାଖରୁ ଆଉ ବୁଝିପାରୁନଥିଲି ରାସ୍ତା ର କଉ ଦିଗ ରେ ପାଦ ଦେଲେ ମୋ ରାସ୍ତା ଠିକ ରହିବ ଆଉ ପାଦ ଚଲା ରାସ୍ତ ରେ କଣ୍ଟା କିଛି ନ ଆସିବ ଜେମିତି | ପାଦ ର ଗୋଟେ ଗୋଟେ ଇଞ୍ଚ ଭାବିକି ପକେଇବାକୁ ପଡୁଥିଲା | ସୁନ୍ଦର ସ୍ୱପ୍ନ ର ନିଆଁ ଝାସ ଜେ ଏତେ ଅଧିକ କଷ୍ଟ ଦିଏ ଜ୍ୱାଳା ସହିବା କଷ୍ଟ ହେଇଯାଏ | ପ୍ରକୃତ ରେ ମୁଁ ସେ ସ୍ୱପ୍ନ ର ଦୁନିଆ ରୁ ବାହାରି ପାରୁନଥିଲି କାରଣ ମୁଁ ଜାଣି ସାରିଥିଲି କୃଷ୍ଣ ବିନା ରାଧା ଅଧା ପରି ଆକାଶ ବିନା ବର୍ଷା ଅଧା ହୋଇ ରହିଗଲା କେବେ ପାଇଲିନି ସେ ତା ଅସ୍ତିତ୍ୱ ଏବେ ବି ଭାବୁଛି ସତରେ କଣ କୃଷ୍ଣ ଙ୍କ ଭଲ ପାଇବା ର ସାହାରା ପରି କେବେ ସାହାରା ପାଇବ ବର୍ଷା ଆକାଶ ର | ନା ଏମତି ଜୀବନ ସାରା ଅଧା ହେଇ ରହିଜିବ ସେ | ଗୋଟେ ଶବ୍ଦ ରେ "ଆକାଶ ବିନା ବର୍ଷା ଅଧା" |

# ତମେ



ସ୍ବରୂପ ମଲ୍ଲ

ଶେଷ ସିଦ୍ଧାନ୍ତରେ ଉପନୀତ ହେଲା ଆଦି, ଆଗକୁ ଗୋଡ କାଢ଼ିସାରିଛି ମାନେ ପଛକୁ ଫେରିବାର ଚାରାନଥିଲା । ଏକ ଅଜଣା ଭବିଷ୍ୟତ ତା ଆଗରେ ଉଭା ହୋଇଥିଲା । ସମୟ ଯେ ତା'କୁ ଟାଣି ଆଣି ଜୀବନ ଦୋ ଛକି ରେ ଛିଡା କରି ସାରିଥିଲା, ଆଉ ଆଦିର ପରିସ୍ଥିତି ଥିଲା ମଝି ନଇରେ ଭାସି ଯାଉଥିବା ଜଳଧାରାର ଏକ ସ୍ରୋତରେ ଭସା ଡଙ୍ଗାଟି ପରି । ଆଗର ଚଲା ରାସ୍ତା ସେ ନିର୍ଦ୍ଧାରଣ କରି ପାରୁନଥିଲା ସେ, କିନ୍ତୁ ଚଢି ସାରିଥିଲା ସେ ପ୍ରାସାଦର ସପ୍ତମ ମହଲାରେ । ପ୍ରତିଦିନ ସୂର୍ଯ୍ୟ ଆଲୋକ ଦେଉଥିଲେ କିନ୍ତୁ ଫିକା ରହୁଥିଲା ଟିକ ସେ ଜହ୍ନ ଆଲୋକ ପରି । ପୁରା ସହରଟା ଶୋଇ ସାରିଥିଲା ପୁରିଣା ଦିନର ସ୍ମୃତି ସବୁ ଲିଭି ସାରିଥିଲା ଟିକେ ବର୍ଷା ଆକାଶର ସୂର୍ଯ୍ୟ ଲିଭିଲା ପରି । ପ୍ରିୟାର ସ୍ବର ନିକଟତର ହୋଇ ଆସୁଥିଲା । ସେ ତାକୁ ସବୁ ଜଣେଇ ଦେବାକୁ ଇଚ୍ଛା ପ୍ରକାଶ କରି ମଧ୍ୟ ଚୁପ ରହିଥିଲା କାରଣ ସେତବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହି ସାରିଥିଲା । ଆଦିର ସ୍ବପ୍ନର ଦୁନିଆ ଦର୍ପଣର କାଚ ପରି ଭାଙ୍ଗି ଚୁନା ହୋଇ ସାରିଥିଲା । କାରଣ ତା ପହିଲି ପ୍ରେମର କିରଣରେ ଆଉ କାହାର ଅଧିକାର ଥିଲା । ନୂଆ ବର୍ଷର ନୂଆ ସୂରୁଯ ଉଇଁ ବା ପାଇଁ ପ୍ରସ୍ତୁତ ହୋଇ ସାରିଥିଲା । ସ୍ବପ୍ନର ବାଲି ଘର ଗଢିବା ଆଗରୁ ସମୁଦ୍ରର ଢେଉ ଭସେଇ ନେଇଥିଲା ବାଲିକୁ ଯେଉଁଟି ଘର ତୋଳିବାଟା ସାର ମାତ୍ର । ଯଉଟିକୁ ଚାହିଁଲା ବେଳକୁ ସବୁ ଛୋଟ ଅଟାଳିକା ମାନ କ୍ଷୁଦ୍ର ବାଲିକଣା ପରି ଲାଗୁଥିଲା । ଆଖିର ସାମ୍ନାରେ ଅନ୍ଧକାର ଛାଇଯାଇ ଥିଲା । ଆଉ ସେ ବିଷାକ୍ତ କନ୍ୟାର ମୁହଁ ଦେଖିବାକୁ ଇଚ୍ଛା ନଥିଲା । ହଠାତ ଜୋର କରି କେହି ପଡ଼ିଯିବାର ଶବ୍ଦ ହେଲା । ଆଖିପିଛୁଳାକେ ତାର ଶରୀର ସ୍ଥିର ହୋଇସାରିଥିଲା । ଆକାଶରୁ ବି ତାରା ମାନେ ଲିଭିବା ଆରମ୍ଭ କରିସାରିଥିଲେ । ନୂଆ ବର୍ଷର ସୁନେଲି ସକାଳ ଆରମ୍ଭ ହୋଇସାରିଥିଲା । ସୂରୁଯ ବହୁତ ଚମକୁ ଥିଲେ ପ୍ରିୟା ତାର ନୁଆ ଦୁନିଆକୁ ଚାଲି ଯାଇଥିଲା ଆଉ ଆଦିର ଆଖିରେ ନୂଆ ବର୍ଷର ନୂଆ ଆଲୋକ ଝଲକୁ ଥିଲା । ଆଦି ଅନୁଭବ କରୁଥିଲା ପ୍ରଥମ କିରଣକୁ । ମଳୟକୁ ସେ ତାର ନୂଆ ସାଥି ଭାବରେ ବାଛି ନେଇଥିଲା ତା ସହିତ ସେ ତାର ସ୍ବପ୍ନର ରଜମହଲ ଗଢ଼ି ସାରିଥିଲା । ସେ ଆଦି କୁ ନିଜ ମନରୁ କୋଉ ଦୁର ରାଇଜକୁ ଠେଲି ଦେଇଥିଲା ଯେଉଁଠୁ ଆଦିକୁ ଫେରି ଆସିବାକୁ ବାଟ ଦେଖା ଯାଉ ନଥିଲା । ତା ହାତରେ ଥିଲା ଶଂଖା ମଥାରେ ଥିଲା ସିନ୍ଦୁର ଗଳାରେ ମଙ୍ଗଳ ସୁତ୍ର ଆଉ ତା ପାଦର ଅଳତା ତାକୁ ଆଉ କାହାର କରିସାରିଥିଲା ।

ହଠାତ ଆଦି ଶୁଣିଲା କାହାର ଚିତ୍କାର ଆଉ ତା ଆଖି ପତାରେ ପାଣି ଢାଳି କେହି ଚାଲି ଯାଉଥିବାର ସେ ଅନୁଭବ କରୁଥିଲା | ସେ ଆଖି ଖୋଲି ଦେଖିଲା ତା ଆଗରେ ଆଉ କେହି ନୁହଁ ତାଙ୍କ ଅର୍ଦ୍ଧାଙ୍ଗିନି ମାନସୀ | ସୂରୁଯ କିରଣ ଝରକା ଫାଙ୍କ ଦେଇ ପ୍ରିୟତମା ଆଖିରେ ପଡୁଥିଲା ଆଉ ସେ କହୁଥିଲେ ଉଠମ ଦିନ କେତେ ଟା ଯାଏଁ ଶୋଉଛ ମ | ଆଜି ନୁଆବର୍ଷ ଉଠି କି ବାହାର ମନ୍ଦିର ଯିବା | ସୁଖ ଶାନ୍ତି ଲାଗି ପ୍ରାର୍ଥନା କରିବା | ଆଦି ଏକ ଘରୋଇ କାର୍ଯ୍ୟାଳରେ କାମ କରନ୍ତି ଯେଉଁଠି ମାନସୀ ସହିତ ତାର ପ୍ରଥମ ଦେଖା ହୋଉଥିଲା | ତାର ପୋଟଳ ଚିରା ଆଖିକୁ ଦେଖି ଆଦି ତା ପ୍ରେମରେ ଭାସି ଯାଇଥିଲା | ତା ପରେ ପ୍ରେମର ପରିଭାଷା ଆଗକୁ ବଢ଼ି ଚାଲିଥିଲା | ଆଦି ଏତେ ଭଲପାଉ ଥିଲା ଯେ ସେ ମାନସୀକୁ ଆଉ କେଉଁ ପୁଅ ସହ କଥା ହେବାର ଦେଖିଲେ ସେ ସହି ପାରୁ ନଥିଲା | ଦୀପାବଳୀ ଥିଲା ସେଦିନ ଆଉ ଆଦି ଜଗି ଥିଲା ମାନସୀର ଫେରିବା ବାଟକୁ କିନ୍ତୁ କିଛି ସମୟ ପରେ ଜାଣିଥିଲା ମନସୀ ଛୁଟିରେ ଅଛି ଆଉ ତା ସ୍ବପ୍ନ ମାନସୀକୁ ଶାଢ଼ିରେ ଦେଖିବାର ଭାଙ୍ଗି ଯାଇଥିଲା | ଆଉ ସେଦିନ ସେ ମନେ ପକାଉଥିଲା ତାର ପ୍ରିୟାକୁ | ଦୀପାବଳୀର ଉପହାର ମିଳିଥିଲା ସମସ୍ତଙ୍କୁ ଆଉ ସବୁ ଖୁସିରେ ବି ଆଦି ଖୋଜୁଥିଲା ମାନସୀକୁ ସାରା ରାତି | ସାରା ରାତିର ଅପେକ୍ଷା ପରେ ସକାଳୁ ଆସିଥିଲା ମାନସୀ ଆଉ ଆଦିର ହାତରୁ ଗ୍ରହଣ କରିଥିଲା ତା ପ୍ରେମର ଉପହାର | ଆଦି ଚାଲୁ ଥିଲା ତାର ପାଦର ପ୍ରତିଧ୍ବନିରେ |

# ନିର୍ମୂଳ ପୁରସ୍କାର



ଡ: କୁଳାଙ୍ଗାର

ଶୁଣିଲୁଣି କିଲୋ ଦାଦି'
ଟିଭି ଘାଇଁ ଘାଇଁ କହୁଛି;
ଆମ ପଞ୍ଚାୟତ ନିର୍ମଳ ବୋଲି
ପୁରସ୍କାର କ'ଣ ପାଇଚି !

-ହଁରେ ପୁଅ ହୋଇଥିବ
ନିର୍ମଳକୁ ସିଏ ଚିହ୍ନିଥିବେ;
ତା'ସ୍ତ୍ରୀ ସିନା ନାଆଁକୁ ସରପଞ୍ଚ
ପୁରସ୍କାର ତାକୁ ଦେଇଥିବେ !

ନାଇଁଲୋ ଦାଦି ସେୟା ନୁହେଁ
ପୁରସ୍କାର ତାକୁ ଦିଆହୁଏ;
ଯେଉଁ ପଞ୍ଚାୟତ
ସଫାସୁତରା ହୋଇଥାଏ !

-ହଁରେ ପୁଅ ହେଇଥିବ
ସବୁ ତ' ଚାଲିଚି କବାଟକିଳି;
ସଫାସୁତୁରା ପୋଷାକ ସେ ପିନ୍ଧେ
ନଥାଏ ସେଥିରେ ଧୂଳିମଳି !

ଦାଦି ତୁ ବୁଝୁନୁ ପୁରସ୍କାର ହେଲା
ପଞ୍ଚାୟତେ ଯେତେ ଗାଁ;
ନାହିଁ ବୋଲି ସେଠି
ଅଳିହା ଆବର୍ଜନା ନାଆଁ !

ହେଁରେ ସଞ୍ଜ ହେଲେ ତ'
ରାସ୍ତା କଡ଼େ ବସ ଧାଡ଼ି ଧାଡ଼ି;
ସଫାସୁତୁରା ଗାଁ ହେଲା
ପୁଣି କୋଉ ଆଡ଼ି !!

ଦାଦିଲୋ' ଏବେ ସବୁ କାମ ହୁଏ
ଅଫିସ ଭିତରେ ବସିକରି;
ଅଫିସର ତେଣୁ କିଛି ଦେଇଥିବେ
କାଗଜ ପତ୍ରରେ ଆସିକରି !

-ହଁରେ ପୁଅ ସତେ ତୁ' କେତେ
ଭିତିରି ଖବର ଆଣୁ;
ଯା'କହ ଆମ ସରପଞ୍ଚ ସେ ପୁରସ୍କାରଟାକୁ
ଗାଧୋଇ ପାଧୋଇ ଆଣୁ !

ଓଡିଆରେ ପଦେ କଥା କହିଦେଲେ
ଜାଣିଯିବେ ସବୁ ମଫ ଟେ ବୋଲି,
ସେଇଥି ପାଇଁ ମୁଁ ଇଂଲିସ୍ ସେଣ୍ଟେନ୍ସ୍
ଚୋବେଇ ହଉଛି ପାଟି ପାକୁଳି |
ବେଳେ ବେଳେ ହିନ୍ଦୀ ଶବଦ ଗୋଟିଏ
ଯୋଡ଼ିଏ ଦେଉଛି ମଝିରେ ଛାଡ଼ି,
ସବୁ ଭାବୁଛନ୍ତି ମୁଁ ବିଦେଶୁ ଆସିଚି
ଆମେରିକା, ଲଣ୍ଡନରେ ପାଠ ପଢ଼ି |
ଇଂରାଜୀରେ କଥା ରେଳ ପରିକା
ପାଟିରୁ ଛୁଟୁଛି ରହୁନି ବାଡ଼ବତା,
ଏଇ କଥା କହି ଠକି ପାରେ ବୋଲି
କହୁନାହିଁ ଜମା ଓଡ଼ିଆ କଥା |

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ବର୍ଷା ଓ ବଂଶୀ



ଶ୍ବେତା ଆଚାର୍ଯ୍ୟ

ବର୍ଷା ବର୍ଷା ବର୍ଷା...
ଆକାଶରେ ମେଘମାଳାଙ୍କୁ ଦେଖି ମୋ ଛାତି ଥରେ
ଦେହରେ ଶୀହରଣ ଆସେ;
ମେଘମାଳା ସବୁ ନାଚି ନାଚି
ଆକାଶରେ ଖେଳିବୁଲେ,
ମୋ ମନ ବି ନାଚିଯାଏ
ବର୍ଷା ପଡ଼େ
ଝଲକାଏ ଥଣ୍ଡା ପବନ ମୁହଁରେ ପିଟି ହେଇଯାଏ
ତା ସାଙ୍ଗକୁ ମାଟିର ବାସ୍ନା
ମୁଁ ନିଶାସକ୍ତ ହୁଏ ।
ବର୍ଷାପାଣି ଦେହରେ ପଡ଼େ, ଦେହକୁ ଭିଜାଏ
ଭିଜି ଭିଜି ମୁଁ ଆନମନା ହୁଏ ।
ନିଜକୁ ପାଏ ପ୍ରିୟତମ ପାଖେ!!!

ବର୍ଷା ବର୍ଷା ବର୍ଷା...
ଅନନ୍ୟ ମୋ ସମ୍ପର୍କ,
ବର୍ଷା ଆସିଲେ ପ୍ରିୟତମ ଆସିବ
ସେଥିପାଇଁ ବର୍ଷାକୁ ମୋ ଅପେକ୍ଷା
ପ୍ରତିଥର ଲାଗେ ମୋତେ,
ବର୍ଷାକୁ ଝୁରିବା ଆଉ ପ୍ରିୟତମର ସ୍ମୃତି
ଏକ ସାଙ୍ଗେ ଗୁନ୍ଥା...

ବଂଶୀ ବଂଶୀ ବଂଶୀ...
ଦୂରେ କେଉଁ ଏକ ପାହାଡ଼ ପଛରୁ
ଶୁଭେ ବଂଶୀର ସ୍ବର
ସେଇ ସୂରତାଳରେ ସବୁ ହୁଅଇ ବିଭୋର
ବୃକ୍ଷ, ପୁଷ୍ପ ଲତାଦେହେ ଭରି ଯାଏ ମାଦକତା
ମେଘ ମହ୍ଲାରର ଲୋମକୂପେ ଜଳୁଥାଏ ବହ୍ନିର ଶିଖା
ସେଇ ଶିଖାରେ ପୋଡ଼ି ପାଉଁଶ ହୁଏ

ମୟୁରର ତୃଷ୍ଣା!!!

ବଂଶୀ ବଂଶୀ ବଂଶୀ...
କାହିଁ କେଉଁ ଅନତି ଦୂରରୁ ବଂଶୀ ସୂରେ ବିମୋହିତ ରାଧା...
ପାଗଳପ୍ରାୟ ଦଉଡ଼ିବାର ଅଭିଯାନ
ନୂପୁର ଖସି ଦେହର ଆଭୂଷଣ ବି ଆକ୍ରମାକ୍ତ;
ପାଗଳି ରାଧା...
ଯେତେ ଯେତେ ବଂଶୀ ସୂର ପଛେ ଧାବମାନ
ସେତେ ସେତେ ପାହାଡ଼ ଉହାଡ଼ରୁ
ବଂଶୀର ସୂର ବି ନିସ୍ତେଜ;
ତଥାପି, ରାଧାର ଅପେକ୍ଷା... ବଂଶୀ ସୂରକୁ..

ମୁଁ ଆଉ ରାଧା !!!
ଏଠି ଖାଲି ଫରକ ସମୟର
ରାଧାପାଇଁ ବଂଶୀ...
ମୋ ପାଇଁ ବର୍ଷା...
ସ୍ରଷ୍ଟାର ସୃଷ୍ଟିରେ ସବୁ ପ୍ରହେଳିକା;
ଏପାଖରୁ ସେପାଖକୁ ପହଞ୍ଚିବାର ଅଣନିଃଶ୍ବାସୀ ଚେଷ୍ଟା!
ତଥାପି ବର୍ଷା ଆଉ ବଂଶୀପାଇଁ
ଦିଗହୀନ ପ୍ରସ୍ତୁତି...
ଆଉ ସେଇ ଦିଗହୀନ ପ୍ରସ୍ତୁତି ବି ଲାଗେ ପ୍ରହେଳିକା;
ସେ ପ୍ରହେଳିକାରେ କିନ୍ତୁ ଥାଏ
କିଛି ଅପେକ୍ଷା ଆଉ କିଛି ବାସି ଆଉ ସଜ ପ୍ରେମର ଚିତା...

# ବସନ୍ତ ଆସିଛି



କମଳ କୁମାର ଦାଶ

ତୁମ ଆଗମନେ ବସନ୍ତ ଆସିଛି

କୋକିଳ କାକଳି ନେଇ

ମୋର ଚାରିପାଶ ମୋମନ ଆକାଶ

ଯାଇଛି ରଙ୍ଗରେ ଧୋଇ ।

ତୁମ ନୂପୁରର ରୁଣୁଝୁଣୁ ଶବ୍ଦେ

ତରଙ୍ଗିତ ମୋ ଘର

ତୁମ ସୁବାସରେ ମୋ ମନ ମହକେ

ସତ ଲାଗେ ସପନର ।

ପ୍ରେମର ଅବିର ମୋ ମନରେ ଢାଳି

ଦେଇଛ ବୁହାଇ ଆଜି

ଏତେ ଦିନ ପରେ ସପନ ଆମର

ସଫଳ ହୋଇଛି ଆଜି ।

# ଷଣ୍ଢ ଗାଈ ମାଳିକା ବିଚାର!



ସୁନୀଲ୍ ମିଶ୍ର

ଗାଈ କହେ, 'ପ୍ରାଣଧନ ତୁମେ ଧୂର୍ତ୍ତ ଭାରି,
ମୋ ମନ ସନ୍ଦେହ ଟିକେ ଦିଅ ଦୂର କରି;
ସବୁ ଏରିଆରେ ଯେଣୁ ପ୍ରବେଶ ତୁମର,
କେଉଁ କଥା ତୁମକୁ ବା ଅଟେ ଅଗୋଚର?
ହାଇଦ୍ରାବାଦେ ହେଲା ଏବେ ଯେଉଁ ବିସ୍ଫୋରଣ,
ଭବିଷ୍ୟତ କଣ ହେବ କୁହ ପ୍ରାଣଧନ । '
ଷଣ୍ଢ କହେ ପ୍ରିୟା ମୋର କିଛି ତୁ ବୁଝୁନୁ
ଅତୀତର ଘଟଣାରୁ ଟିକେ ବି ହେଜୁନୁ!
ବିସ୍ଫୋରଣ ପଛେ ଥିବ ପାକିସ୍ତାନ ହାତ,
ଜାଣିବା ପରେ ବି ଚୁପ୍ ରହିବ ଭାରତ;
ବହୁ ଶୀଘ୍ର ଧରାହେବେ ବିସ୍ଫୋରଣକାରୀ,
ତା'ପରେ ପୁଲିସିର କାମ ଯିବ ସରି;
ଦୋଷୀର ସୁରକ୍ଷାପାଇଁ କେତେ କମିସନ
କୋର୍ଟରେ କରିବେ ଯୁକ୍ତି ଉତ୍ଥାପନ;
ଯାହା ହାତେ ଭାରତୀୟ ଲୋକେ ମରିଥିବେ,
ଭାରତୀୟ ଓକିଲ ତା' କେସ ବି ଲଢ଼ିବେ ।
ନିର୍ଦ୍ଦୋଷେ ଖଲାସ ପାଇଁ ପ୍ରଚେଷ୍ଟା କରିବେ,
ଶେଷରେ କୋର୍ଟ୍ କିନ୍ତୁ ଫାଶୀ ଶୁଣେଇବେ ।
ଆଉ କିଛି ଦିନ ପୁଣି ବଞ୍ଚିଯିବାପାଇଁ,
କାହାକୁ ଅପହରଣ କରି ଖସିଯିବାପାଇଁ...
ରାଜକ୍ଷମା ପାଇଁ ଯାଇ କରିବେ ପ୍ରାର୍ଥନା,
ରାଷ୍ଟ୍ରପତି ବି ଅକସ୍ମାତ୍ କରିବେନି ମନା!
ଉଇ/ମୂଷା ପରିବାର ପୁଷ୍ଟି କରିବାକୁ,

ଫାଇଲ୍‌କୁ ଠେଲିଦେବେ(ସର୍କାରକୁ) ତୁଷ୍ଟି କରିବାକୁ!
ନରହନ୍ତାମାନେ ଜେଲରେ ରହିବେ କିଛି ବର୍ଷ,
ତାଙ୍କ ପିଛାରେ ଶ୍ରାଦ୍ଧ ହେବ ଦେଶର ରାଜକୋଷ ।
ବର୍ଷ ଅନ୍ତେ ଜଣାଯିବ ସର୍କାରୀ ଘୋଟାଲା,
ସରକାର ବିରୋଧରେ ଲୋକେ ହେବେ ମତୁଆଲା ।
ସଙ୍ଗେ ସଙ୍ଗେ ରାଷ୍ଟ୍ରପତି ଫାଇଲ୍ କାଢ଼ିବେ
ରାଜକ୍ଷମା ଆବେଦନ ଖାରଜ କରିବେ ।
ଆତଙ୍କୀଙ୍କୁ ଫାଶି ହେବ ତେଣେ ଗୁପତରେ
ନିଶ୍ବାସ ନେବେ ସର୍କାର ଏଣେ ତୃପତରେ ।
ଫାଶୀକଥା ମିଡ଼ିଆରେ ଚର୍ଚ୍ଚା ହେବ ଖାଲି,
ଘୋଟାଲା କଥାକୁ ଲୋକେ ଯିବେ ସବୁ ଭୁଲି ।
ଉଗ୍ରବାଦୀ ସଙ୍ଗଠନ ବଦଲା ନେବାକୁ
ଘୋଷଣା କରିବେ ପୁଣି ସତର୍କ ହେବାକୁ ।
ଭାରତ କହିବ, 'ଆମେ ଫୁଲ୍ ପ୍ରିପେୟର୍,
ଯାହା ହେବ ଦେଖାଯିବ, ୱି ଡୋଣ୍ଟ୍ କେୟାର୍' ।
କିଛି ଦିନପରେ ହେବ ସିରିୟଲ୍ ବ୍ଲାଷ୍ଟ୍,
କେନ୍ଦ୍ର କହିବ ଆମେ ଦେଇଛୁ ହାଇ ଆଲର୍ଟ୍ ।
ଏହାପରେ କେନ୍ଦ୍ର, ରାଜ୍ୟ ହେବେ ମାରପିଟ୍
ପୂର୍ବ ଘଟଣାର ପୁଣି ଚାଲିବ ରିପିଟ୍ ।
ସବୁ ଶୁଣି ଗାଈ କହେ ହଁ ଟାଏ କରି,
'ସତରେ ଗୋ ଧନ ତୁମେ ସୁପର ଖିଲାଡ଼ି ।
ତୁମ ପାଇଁ ଗର୍ବକରେ ଆମ ଗୋରୁ ଜାତି
ତୁମ ପାଇଁ କରୁ ଆମେ ରାସ୍ତାରେ ରାଜୁତି । '

# ଫେସ୍‌ବୁକ୍ -୭



ପ୍ରଶାନ୍ତ କୁମାର ଭୂୟାଁ

**( ପୂର୍ବ ପ୍ରକାଶିତ ଉତ୍ତାରୁ )**

ଆଜିକାଲି ବନ୍ତିଳ ଦେବୀ ବହୁତ ବ୍ୟସ୍ତ ରହୁଛନ୍ତି, ଆଉ ନିଶ୍ଚିତ ଭାବେ 'ଫେସ୍‌ବୁକ୍'ରେ । ଏହି 'ଫେସ୍‌ବୁକ୍' ପୁଣି ଥରେ ତାଙ୍କୁ ପିଲାଦିନର ସବୁ ଚପଳାମୀ ମନେ ପକାଇ ଦେଉଛି । 'ଫେସ୍‌ବୁକ୍' ତାଙ୍କ ମନରେ ଗଭୀର ପ୍ରଭାବ ପକାଇଛି । ଗାଁରୁ ଯଦି ଭାଇ ଓ ଭାଉଜଙ୍କ ଫୋନ୍ ଆସୁଛି ତେବେ ଅଧଘଣ୍ଟା ଖାଲି ଏହି ଫେସ୍‌ବୁକ୍‌ର ଆଲୋଚନାରେ ଚାଲି ଯାଉଛି । ସେ କିପରି ଧିରେଧିରେ ସୁଖ୍ୟାତି ଅର୍ଜିଲେଣି ଏହି 'ନାରୀଶକ୍ତି' ଆଉ 'ସାହିତ୍ୟ ସଂସ୍କୃତି' ଗ୍ରୁପ୍ ମାଧ୍ୟମରେ, ତାହା ବଖାଣିଲା ବେଳେ ତାଙ୍କ ଛାତି କୁଣ୍ଢେମୋଟ ହୋଇଯାଉଛି । ତାଙ୍କ ଭାଇ ଅଧେଫାଳେ ଏ ସବୁ କଥା ବୁଝେ ହେଲେ ତାଙ୍କର ସରଳ ଗାଉଁଲୀ ଭାଉଜ ଏ 'ଫେସ୍‌ବୁକ୍'ର ଗୁମର କଥା ଜମାରୁ ବୁଝି ପାରେନି । ବେଳେବେଳେ ଏଇମିତି ସବୁ କଥା ପଚାରି ବସେ ଯେ ବନ୍ତିଳ ଦେବୀ ହସିହସି ନୟାନ୍ତ ହୋଇ ଯାଆନ୍ତି ।

ସେଦିନ ଏହିଭଳି କଥା ହେଲାବେଳେ ତାଙ୍କ ଭାଉଜ ବନ୍ତିଳ ଦେବୀଙ୍କୁ ପଚାରି ବସିଲେ, ହଇହେ ଅପା ତମକୁ କୋଉ 'ଫେସ୍‌ବୁକ୍' ଅଫିସିରେ ବାବୁଆଣି କାମ ମିଳିଲା ପରା ? ଆଉ ତମକୁ ଦିଟା ପାର୍ଟିର କାମ ସମ୍ଭାଳିବାକୁ ଦେଇଛନ୍ତି ?? ହେଲେ, ଏବେ ଘରକାମ ଆଉ ଅଫିସି କାମ କେଉଁମନ୍ତେ ସମ୍ଭାଳୁଛ ବା ???

ହଇ ହଇବା ଶଙ୍ଖତୁଳା ଭାଉଜ, ଟିକେ ରୁହହେ ! ଏକାଥରେ ଏତେ କୋଚିନ୍ ଧାଡ଼ି ଲଗାଇ ଦେଉଛ ଟେରେନ୍ ଗାଡ଼ି ଭଳିଆ!! କହୁଛି ଶୁଣ ଏଥର । ଏହା କହି ସେ 'ଫେସ୍‌ବୁକ୍'ର ଇତିହାସ ଭୂଗୋଳ ସବୁ ବୁଝାଇବାରେ ଲାଗିଲେ । ଆଉ ଏହିଭଳି କଥୋପକଥନ ବେଳେ କଥାବାର୍ତ୍ତା ଆଉ ଦୁଇଘଣ୍ଟା ବଢ଼ିଯାଏ । ଏହି ଚକ୍କରରେ ଏବେ ଦୂରଭାଷ ବିଲ୍ ୨୫୦୦ – ୩୦୦୦ଟଙ୍କା ଯାଏଁ ଆସୁଛି । 'ଫେସ୍‌ବୁକ୍' ଯୋଗୁଁ ଘରର ବଜେଟ୍‌ରେ ଏହି ଅନିୟମିତ ଆତଙ୍କ ଦେଖା ଦେଇଛି । ଚୋରିଆ ମାମୁଁ ମଧ୍ୟ ଏହି ନାଟକର ଜଣେ ଅଂଶୀଦାର ଏଣୁ ସେ ଆଉ କାହାରିକୁ କିଛି ନକହି ମୁଣ୍ଡକାନ ଆଉଁସି ଟେଲିଫୋନ୍ ଦେୟ ଠିକ୍ ସମୟରେ ପଇଠ କରିଦେଉଛନ୍ତି ।

ପୂର୍ବରୁ ଲେଖାଯାଇଥିବା, ଶକୁନ୍ତଳା ଭାଉଜଙ୍କ ପ୍ରଶ୍ନର ମଧ୍ୟ ଏକ ଯଥାର୍ଥତା ଅଛି । ଏବେ ସମସ୍ତେ 'ଫେସ୍‌ବୁକ୍'ରେ ଏତେ ମଗ୍ନ ଯେ , ନଜାଣି ଥିବା ଲୋକ ନିଶ୍ଚୟ ଭାବିବ ଯେ ଏହା ଏକ ଚାକିରୀ । ଏବେ ପାଲିଙ୍କି ଉପରେ ପାଟଛତା ଭଳି ଚାରିଆଡ଼େ ଆଣ୍ଡ୍ରୋଇଡ଼ ମୋବାଇଲ୍ ସବୁ ମାଳମାଳ ହେଲାଣି ଏଣୁ ପାଣି ଘିନିବାକୁ ଗଲା ବେଳେ ମଧ୍ୟ କେହିକେହି 'ଫେସ୍‌ବୁକ୍' ରେ ନିମଗ୍ନ ହୋଇ ରହୁଛନ୍ତି । ସେଦିନ ମୋବାଇଲ୍ ଦୋକାନରେ ଚୋରିଆ ମାମୁଁ ଠିଆ ହୋଇଥିଲା

ବେଳେ ଜଣେ ବ୍ୟକ୍ତି ଆସି ମୋବାଇଲ୍ ଦୋକାନରେ ନିଜର ମୋବାଇଲ୍‌ଟିକୁ ଆଣିଦେଲେ ତିଆରି କରିବାକୁ ।

ମେକାନିକ୍ ଯେତେବେଳେ ସେହି ବ୍ୟକ୍ତିଙ୍କୁ ପଚାରିଲା,

କିହୋ କଣ ହେଇଛି କି ଏହି ଯନ୍ତ୍ରଟିର ? ପୂରାତ ଅରଖ ନୂଆଁ ଭଳି ଦିଶୁଛି ।

ସେ ବ୍ୟକ୍ତି ଜଣକ ଜଣେ ଚାରି ପାଞ୍ଚ ଜଣ ଗରାଖ ଥିବାର ଦେଖି ଟିକିଏ କୁନ୍ଥୁକୁନ୍ଥୁ ହେଲା କିଛି କହିବାକୁ । ସକାଳର ବହଣି ବେଳଟା , ଏଣୁ ଦୋକାନୀ ଟିକିଏ ଜୋର୍‌ରେ ପୁଣି ପଚାରିଲା ,

ଆହେ ପ୍ରଭୁ କିଛି କୁହ । ମୁଁ କଣ ସର୍ବଜାଣ ହୋଇଛି ନା କଣମ ?

ପୁନଶ୍ଚ ସେହି ସଙ୍କୋଚ, ସେଇ କୁନ୍ଥୁକୁନ୍ଥୁ ।

ଏଥର ମେକାନିକ୍ ଜଣଙ୍କ ଉହୁଙ୍କି ଯାଇ କହିଲେ

କିହୋ ବାବୁ ଦୂରଦର୍ଶନରୁ ବିଜ୍ଞାପନ ଦେଖି ବଡ଼ ଜୋଶ୍‌ରେ ଆସି ପଡ଼ିଶାରେ ଥିବା ଔଷଧ ଦୋକାନ କାଉଣ୍ଟର୍‌ରେ ବିଧାମାରି 'ମୁଡ୍‌ସ୍ ପ୍ଲିଜ୍' ବୋଲିତ କାଲି ମାଗୁଥିଲେ ଆଜି ମୋବାଇଲ୍‌ର ବିମାରୀ ବିଷୟ ପଚାରିଲା ବେଳକୁ ପାଟିରେ ଫେଭିକଲ୍ ଲାଗିଲା ଭଳି କାହିଁକି ହେଉଛନ୍ତି ମ ?

ଏଇ କଥାଟା ସେହି ଭଦ୍ରବ୍ୟକ୍ତିଙ୍କ ନାଗନାଡ଼ୀକୁ ଛୁଇଁଲା । ସେ ଟିକେ ବିରକ୍ତ ହୋଇ କହିଲେ କିହୋ ଏତେ ଖେମେଖେମେ କାହିଁକି ହେଉଛ ବା । କହୁଛି ରୁହ, ପ୍ରଥମେ ତମେ ଦୋକାନ ପୂଜାଟା ସାରି ଦେଉନ ? ସକାଳୁ ସକାଳୁ ଗରାଖ ଉପରେ ଏଇମିତି ବିଗିଡ଼ିଲେ କି ବେପାର କରିବ ଏହି ବଜାର ମଝିରେ ? ଏଇଟା ବି ସତକଥା ଭାବି ସେ ଦୋକାନୀ ପୂଜା କରିବାରେ ଲାଗିଲା । ଏ ଭିତରେ ଟପ୍‌ଅପ୍ ପକାଇ ଦେଇ ୪ଜଣ ଗରାଖ ନିଜନିଜ ବାଟରେ ବାଟେଇଲେଣି ।

ପୂଜାସାରି ମେକାନିକ୍ ପୁଣି କାଉଣ୍ଟରକୁ ଆସିଲେ ଆଉ ଏବେ କିଛି ପଚାରିବା ପୂର୍ବରୁ ସେହି ଭଦ୍ରବ୍ୟକ୍ତି କହିଲେ, ବୁଝିଲ କି ଭାଇ, ମୋବାଇଲ୍‌ଟା କାଲି ପାଣିରେ ପଡ଼ିଗଲା । ରାତିସାରା ଫେନ୍ ତଳେ ଶୁଖାଇଲି ହେଲେ ମଧ୍ୟ କାମ କରୁନାହିଁ ।

ଏହାଶୁଣି ମେକାନିକ୍ ମୋବାଇଲ୍‌ଟାକୁ ଏପଟ ସେପଟ କରି ଦେଖିଲେ ଆଉ ତାଙ୍କ ମେକାନିକ୍ ଆଖିକୁ ଖଟକିଲା ନୀଳ ବର୍ଣ୍ଣର ସେଇ ସର୍ଫ ଟୁକୁଡ଼ାଟିଏ । ସେଇଟାକୁ ଦେଖାଇ ସେ ଭଦ୍ରବ୍ୟକ୍ତି ଜଣଙ୍କୁ ପଚାରିଲେ, ହଇହୋ ବାବୁ, ଏଣେ କହୁଛ ଏହା ପାଣିରେ ପଡ଼ିଗଲା ବୋଲି ହେଲେ ମୋତେ ଯାହା ଲାଗୁଛି ତମେ ଏଇଟାକୁ ନିଜେ ସର୍ଫ୍ ଲଗାଇ ରେଣ୍ଟିଛ । ଆଉ ଏଥିରୁ ଫିନାଇଲ୍‌ର ବି ବାସନା ଆସୁଅଛି, ଏଣୁ ମୋତେ ଏବେ ପ୍ରକୃତ କଥାଟା କୁହ, ତେବେ ଯାଇ ମୁଁ ଯାକୁ ଖୋଲିବି ।

ଏବେ ସେ ବାବୁଙ୍କର ଅକଲ ଗୁଡୁମ୍ ...!!!

ସେ ଟିକେ ଥମିଯାଇ କହିଲେ,

କଥାଟା କଣକି... କାଲି ଗୋଟିଏ ଅର୍ଜେଣ୍ଟ୍ ଡିସ୍‌କସନ୍ ଚାଲିଥିଲା 'ଫେସ୍‌ବୁକ୍'ରେ ଆଉ ଏ ଭିତରେ ପେଟଟା ଟିକେ ଗୋଳମାଳିଆ ହେଲା ଭଳିଆ ଲାଗିଲା । ପାଇଖାନାକୁ ଧରି ମୋବାଇଲ୍‌ଟା ଚାଲିଗଲି ଆଉ ସେତେବେଳେ କେମିତି ହାତରୁ ଖସି କୋମୋଡ଼ୋ ଭିତରେ ଗଳି ପଡ଼ିଲା । ତାକୁ ବାହାରକୁ ଆଣି ଫିନାଇଲ୍ ଆଉ ସର୍ଫ ଲଗାଇ ରଗଡ଼ି ସଫା କରିଦେଲି । ହଁ, ତାପରେ ସେଣ୍ଟ୍ ସ୍ପ୍ରେ କରିଦେଇଛି ସେଇଥିରେ !!

ଏହି କଥାଶୁଣି ମେକାନିକ୍ ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇ କହିଲା, କେଡ଼େ ହିନସ୍ତା ଲୋକଟିଏ ଆପଣ ହୋ । ପ୍ରଥମେ ଏଇ ମୋବାଇଲ୍‌ଟା ମୋ କାଉଣ୍ଟରରୁ ଉଠାଇଲ । ଏ ଅନୁକୁଳଟା ବେଳରେ ଗୋଟିଏ ଆବର୍ଜ୍ଜନାରୁ ଉଠାଇଥିବା ଜିନିଷଟାକୁ ମୋ ଲକ୍ଷ୍ମୀପେଢ଼ି ଉପରେ କେମିତି ରଖୁଛ କହିଲ ? ଏଇଟା ଗୋଟିଏ ନିକୁଛିଆ କଥା ନୁହଁ କି ?

ଏବେ ସେହି ଭଦ୍ରଲୋକ ମଧ୍ୟ ନଛୋଡ଼ବନ୍ଧା । ସେ କହିଲେ, ମୁଁ କହିଲି ପରାହୋ ଫିନାଇଲ୍ ଆଉ ସର୍ଫରେ ଧୋଇଛି ବୋଲି । ଆଉ କଣ ଫୁଲଚନ୍ଦନ ଦେଇଥାନ୍ତି ନା କଣ ? ପାଇଖାନାରେ ଗଳି ପଡ଼ିଲା ବୋଲି ଏଇ ୩୫୦୦୦ଟଙ୍କିଆ ଫୋନ୍‌ଟାକୁ ତ ଆଉ ଫିଙ୍ଗିଦେବିନି ନା ?

ସେ କଥାକୁ ଦୁଇପାଦ ଆହୁରି ଆଗକୁ ବଢ଼ାଇ କହିଲେ, କିହୋ ଆମ ଜେଜେ କି ତମ ଆଈ ପାଇଖାନାରେ ଗଳି ପଡ଼ିଲେ ତମେ କଣ ତାଙ୍କୁ ଧୁଆଧୁଇ କରି ଡକ୍ଟର୍‌ଙ୍କ ନିକଟକୁ ନେବ କି ନାହିଁ ? ଆଉ ସେତେବେଳେ ଯଦି ଡକ୍ଟର୍ ତୁମକୁ ଏହିଭଳି କହିବେ ତୁମେ କଣ କରିବ କହିଲ ?

ଦୋକାନୀ ଯେପରି ଆକାଶରୁ ଖସି ପଡ଼ିଲା ଏଇ କଥାରେ । ସେ କହିଲା , ହଇଓ ବାବୁ ତମେ ବଡ଼ ଅଡୁଆ ଲୋକଟାଏ ହୋ ! କିହୋ ମୋବାଇଲ୍ ସାଙ୍ଗରେ ତୁମେ ଜେଜେ ଆଉ ଆଈକୁ କିପରି ତୁଳନା କରୁଛ କହିଲ ? ଏଇଟା କଣ ବିବେକବାନ କଥା ? କିହୋ ଝାଡ଼ା ଗଲାବେଳେ ମୋବାଇଲ୍‌ଟାକୁ ନନେଇଥିଲେ ତୁମର କଣ ଅଶୁଦ୍ଧ ହୋଇଯାଆନ୍ତା କହିଲ ?

ସେହି ଭଦ୍ରବ୍ୟକ୍ତି କହିଲେ, ଆରେ ବାବୁ କହିଲି ପରା 'ଫେସ୍‌ବୁକ୍'ରେ ଗୋଟିଏ ଜରୁରୀ ଆଲୋଚନା ଚାଲିଥିଲା ତେଣୁ ନନେଇ ରହି ହେଲା ନାହିଁ । ବୁଝିଲ ବାବୁ 'ବାଂଝ କି ଜାଣଇ ଗରଭ ବେଦନା ?' କେବେ 'ଫେସ୍‌ବୁକ୍'ରେ କରେଣ୍ଟ/ହଟ୍ ଟପିକ୍‌ରେ ଆଲୋଚନାର ଭାଗ ନେଇ ଦେଖ , ସେତେବେଳେ ବୁଝିବ ତାହା କେତେ ଜରୁରୀ । କମେଣ୍ଟ୍ ପରେ କମେଣ୍ଟ୍ ଆଉ ତା ଉପରେ ତୁହାଇ ତୁହାଇ ଲାଇକ୍‌ର ବରଷା । କୋଉ ବିଧାନସଭା କାମରେ ଆସିବନି ଟି !

ସେ ମେକାନିକ୍, ହସରେ ଫାଟି ପଡ଼ିଲା । ଆଉ ବହୁତ ସମୟ ପରେ ସେ ହସକୁ

ସମ୍ଭାଳି କହିଲା, କିଛି ଖରାପ ଭାବିବେନାହିଁ ମୁଁ ଏପରି କହୁଛି ବୋଲି । କିନ୍ତୁ ସତକଥା ଏଇୟା ଯେ , ବିଧାନ ସଭାର ଆଲୋଚନାରେ ଯେତେବେଳେ ଦେଶର କିଛି ଫରକ୍ ପଡୁନି ସେତେବେଳେ ଏହି ଫେସ୍‌ବୁକ୍ ଆଲୋଚନାରେ ଦେଶର କଣଟା ଉଦ୍ଧାର ହୋଇଯିବ କହିଲ ? କେବେ ପ୍ରକୃତ ଜୀବନ ସଂଗ୍ରାମ ଯୁଝୁଥିବା ସାଧାରଣ ମଣିଷକୁ ଏହି ବିଷୟ ପଚାରି ଦେଖ ? ହଁ, ମୁଁ ଜାଣେ ଏହା ଏକ ସାମାଜିକ ମଞ୍ଚ । ଏଥିରେ ହାଲୋ, ହାଏ ଆଉ ଭଲମନ୍ଦ ପଚରା ପଚରି ହେବା ଆଉ ଦୁଇଚାରିଟା ଫୋଟୋ ଅପ୍‌ଲୋଡ୍ କରିଦେବା ଅଲଗା କଥା ହେଲେ ଦେଶର ସମସ୍ୟାକୁ ସେଠାରେ ଆଲୋଚନା କରିବାରେ ଲାଭ କଣ ? ନା କଣ କହୁଛନ୍ତି ଚୋରିଆ ବାବୁ ?

ଏତେ ସମୟ ହେଲା ଚୋରିଆ ମାମୁଁ ଚୁପ୍ ହୋଇ ଏହି କଥୋପକଥନ କୁ ଉପଭୋଗ କରିଆସୁଥିଲେ । ଏବେ ଯେତେବେଳେ ଗୋଟିଏ ପ୍ରଶ୍ନବାଣ ନିଜ ଆଡ଼କୁ ଆସିଲା ଏଇ 'ଫେସ୍‌ବୁକ୍'ର ପ୍ରାଧାନ୍ୟତା କୁ ନେଇ ସେ ପ୍ରଥମେ ଟିକେ ଥଥମମ ହୋଇ ଉଠିଲେ । ସେ ନିଜେ ଜଣେ 'ଫେସ୍‌ବୁକ୍'ର ଜଣେ ଭକ୍ତ ଆଉ ତାଙ୍କ ଆଗରେ କେହି ଏହିଭଳି 'ଫେସ୍‌ବୁକ୍'ର ମର୍ଯ୍ୟଦା ଉପରେ ଆଞ୍ଚ ଆଣିବ କହିଲେ ସେ ଅବା କି ଛାଡ଼ନ୍ତି । ଆଉ ତାପରେ ନିଜକୁ ସମ୍ଭାଳି ସେ କହିଲେ, ସେହିଭଳି କହି ହେବନି କାରଣ 'ଫେସ୍‌ବୁକ୍'ର ଏହି ମୁକ୍ତମଞ୍ଚରେ ଆଲୋଚନା ମାଧ୍ୟମରେ ଜଣେ ସାଧାରଣ ଲୋକ ମଧ୍ୟ ନିଜର ମତବାଦ ଉପସ୍ଥାପନ କରିପାରୁଛି ଆଉ ତାହା ପୃଥିବୀର ଯେ କୌଣସି କୋଣରେ ରହି ଜଣେ ପଢ଼ି ନିଜର ମତବାଦ ଜଣାଇ ପାରୁଛି । ଆଉ ଏହି 'ଫେସ୍‌ବୁକ୍' ବେଳେବେଳେ ବିଧାନସଭାରେ ହୁଲ୍‌ସ୍ଥୁଲ୍ କରିପକାଉଛି । ଏବେତ ମୁଁ ଶୁଣିବାକୁ ପାଉଛି ତୁମକୁ ଚାକିରୀ ଦେବା ପୂର୍ବରୁ ତୁମ ଚରିତ୍ର ସାର୍ଟିଫିକେଟ୍ ଏହି 'ଫେସ୍‌ବୁକ୍'ରୁ ହିଁ କମ୍ପାନୀମାନେ ସଂଗ୍ରହ କରନ୍ତି । ଏହିଭଳି ଆମର ଦୃଷ୍ଟି ଉହାଡ଼ରେ ବହୁତ କଥା ଏହି 'ଫେସ୍‌ବୁକ୍'ମାଧ୍ୟମରେ ହୋଇପାରୁଛି ।

ତିନି ତୁଣ୍ଡରେ ଛେଳି କୁକୁର...!

ଏ ବିଚରା ମେକାନିକ୍ ସକାଳୁ ସକାଳୁ ଆଉ ଗରାଖ ମାନଙ୍କ ସହ ତର୍କ ବିତର୍କ ନକରି ନିଜ ବେପାର ବଣିଜରେ ଧ୍ୟାନ ଦେବାକୁ ଆରମ୍ଭ କଲା । ଗୋଟିଏ ସ୍କ୍ରେ ବାହାର କରି ପାଇଖାନାର ପଡ଼ି କିଛି ସମୟ ଜୀବସୁବର୍ଣ୍ଣ ସହ ବିତାଇଥିବା ସେହି ମୋବାଇଲ୍‌କୁ ଖୋଲିବାରେ ଲାଗିଲା । ଆଉ ସେହି ଭଦ୍ରବ୍ୟକ୍ତି ଆଉ ଚୋରିଆ ମାମୁଁଙ୍କ ଆଲୋଚନା ଆରମ୍ଭ ହୋଇଗଲା 'ଫେସ୍‌ବୁକ୍' ଆଉ କେବଳ 'ଫେସ୍‌ବୁକ୍' ବିଷୟରେ ।

ମେକାନିକ୍ ବିଚରା ନିଜ କାମ କରୁଥିବା ସମୟରେ ଯୀଶୁଖ୍ରୀଷ୍ଟଙ୍କ ଏକ ପ୍ରତିଛବିକୁ ଅନାଇ ମନେମନେ ଯୀଶୁଙ୍କ ବାକ୍ୟକୁ ଦୋହରାଉଥିଲା,

ହେ ପ୍ରଭୁ, ଏମାନଙ୍କୁ କ୍ଷମା କରିଦିଅ, କାରଣ ଏମାନେ କଣ କରୁଛନ୍ତି ଏମାନଙ୍କୁ ଜଣାନାହିଁ

# କୋଠିର କାହାଣୀ



ଚିରଞ୍ଜୀବ କର

ଜଳେ,
ଜଳାଏ,
ପାଉଁଶ ବି କରିଦିଏ,
ନିଜକୁ, ଅନ୍ୟକୁ,
ସମସ୍ତଙ୍କୁ,
ଦିନ, ରାତି ସବୁବେଳେ ।
ନଥାଏ ମୋ ଠିକଣା
କି ମୋ ସଂସାର,
ଥାଏ ଦେହ ଓ ଯୌବନ ମୋର,
ନିଜ ପାଇଁ ନୁହେଁ
ଅନ୍ୟମାନଙ୍କ ପାଇଁ ।
ପ୍ରତିଦିନ ସମର୍ପେ ଏ ସବୁକୁ
ଭଗବାନଙ୍କ ନିକଟରେ ନୁହେଁ
ଭୋଗୀଙ୍କ ନିକଟରେ ।
ନିଜକୁ ପରଷିଦିଏ
ଅନାଥଙ୍କ ଭଳି
ମନ୍ଦିରରେ ନୁହେଁ
କୋଠିରେ
ସେଇଟା ମୋ ମନ୍ଦିର,
ଯେଉଁଠି ଲମ୍ପଟ ପୁରୁଷମାନେ ମୋ ଭକ୍ତ ।

ମୋ ମନ୍ଦିରରୁ
ଦୀପ, ଧୂପ
ଅଗୁରୁ, ଚନ୍ଦନ
କର୍ପୂର ବାସ ଛୁଟେନା
ସେଠୁ ଭାସି ଆସୁଥାଏ
କେବଳ ମଦ ଗଞ୍ଜେଇ ସିଗାରେଟ୍ ଅଫିମର
ଉତ୍କଟ ଗନ୍ଧ ।
ମନ୍ଦିରରେ ଦିଅଁଙ୍କ ଦେହରେ ବସ୍ତ୍ର ଚଢ଼ାଯାଏ
ଏଠି କିନ୍ତୁ, ବସ୍ତ୍ର କଢ଼ାଯାଏ
ମୋ ଦେହରୁ ।
ଦିଅଁ ଦର୍ଶନ ପରେ
ଭଗବାନ ଭକ୍ତଙ୍କୁ ଭିକ୍ଷା ଦେଇଥାନ୍ତି
ମୁଁ ବି ଦିଏ
ଏ ଲମ୍ପଟ ଭକ୍ତମାନଙ୍କୁ
ମୋ ଦେହର
ଗରମ ମାଂସକୁ ଶାଗୁଣା ବିଲୁଆ ଭଳି
ମନଭରି ଦର୍ଶନ, ଲୁଣ୍ଠନ ପରେ...

# ପ୍ରିୟଶତ୍ରୁ



ପ୍ରକାଶ ରଞ୍ଜନ ପରିଡ଼ା

ତୁମେ ତ ମୋର
ଆପଣାଠୁ ବଳି ଆପଣାର ଶତ୍ରୁ
ହୃଦୟରୁ ଝରାଇ ଦେଇଛ ମୋର
ଥୋପା ଥୋପା ରକ୍ତ,
ହାତ ମୁଠିରେ ଧରାଇ ଦେଇଛ
ଯନ୍ତ୍ରଣାର ରକ୍ତଗୋଲାପ ।
ତୁମକୁ ଭୁଲିଯିବାପାଇଁ ଏ ଜନ୍ମ ନୁହେଁ ସାତ ଜନ୍ମ ବି ନିଅଣ୍ଟ ପଡ଼ିବ
ତୁମ ସ୍ମୃତିର କଣ୍ଟକିଓତ ଶଯ୍ୟାଧାରେ
ମୋତେ ଆଖିବୁଜି ଶୋଇବାକୁ ହେବ
ଆଉ ଏକ ଯୁଗ ଆସିବା ପର୍ଯ୍ୟନ୍ତ ।
ଜୀବନକୁ ବୁଝୁ ବୁଝୁ ବାଟବଣା ହୋଇଗଲି ମୁଁ
ତୁମ ଆଖିକୋଣେ ପୀୟୁଷର ଧାର ଦେଖି
କିନ୍ତୁ ମୁଁ କି ଜାଣିଥିଲି ପାଦ ମୋ ଅଟକି ଯିବ ଠିକ୍ ତୁମ ଆଖି ସାମ୍ନାରେ
ଯେଉଁଠୁ ମୁଁ ଫେରିବିନି କେବେ ।
ହେ ମୋର ପ୍ରିୟ ଶତ୍ରୁ,
ତୁମ ସ୍ବପ୍ନପୁରୀରେ କିନ୍ତୁ ବଞ୍ଚିବାର କୌଶଳ
ଜଣାନଥିଲା ମତେ,
ମିଛରେ ମତେ ମୈତ୍ରକଲ, ଯେ ପାଲଟିଗଲ ଶତ୍ରୁ
ହେ ମୋର ପ୍ରିୟଶତ୍ରୁ ।

# ମେଟ୍ରିକ ପରୀକ୍ଷା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରଥମ ଦିନ ପରୀକ୍ଷାପରେ ସ୍କୁଲ୍ ବାହାରେ
ଭାରି ଯୋର ଗଣ୍ଡଗୋଳ ହେଉଥିଲା,
ଏତେ ଲୁଗା, ଧାନ, ପରିବା ଦେବା ପରେ ସୁଦ୍ଧା
ମାଷ୍ଟ୍ରେ କପି ଧରିଲେ କେମିତି ମୋ ପୁଅର
ସେଇଥି ପାଇଁ ଗନ୍ତେଇ ରାଗରେ ପାଟି କରୁଥିଲା...

ମାଷ୍ଟ୍ରେ ସାଇକେଲ୍ ଧରି ଚାଲି ଯାଉ ଯାଉ କହୁଥିଲେ
ସ୍କୁଲକୁ ସ୍କ୍ବାର୍ଡ଼ ଆସିଥିଲେ ବୋଲି ଏହା ହୋଇଗଲା
ନିମକହାରାମ୍ ନୁହନ୍ତି ସେ ବହୁତ ଚେଷ୍ଟା କଲେ
ତଥାପି ଗନ୍ତେଇ ପୁଅ ଶୁଣିଲା ନାହିଁ
ଲାଞ୍ଚ ଦେଇଛି କହି ଟେବୁଲ୍ ଉପରେ ରଖି କପି କରୁଥିଲା...

ହରିଆ ଶାନ୍ତିରେ ନିଃଶ୍ବାସ ମାରୁଥିଲା,
ଧରାପଡ଼ିଲାନି ପୁଅ ପେଣ୍ଟରେ କପି ଧରିଥିଲା
ଫୋପାଡ଼ିଦେଲା ବାହାରକୁ ସ୍କ୍ବାର୍ଡ଼କୁ ଦେଖି
ପାଠ ତ ପଢ଼ିନଥିଲା କିଛି, ଫିଲିମ୍ ଗପ, ଟିଭି, ଆଲବମ୍ ଗୀତ
ଯାହା ଯାହା ମନକୁ ଆସିଲା ସବୁ ଖାତାରେ ଲେଖୁଥିଲା...

# ଶିଶୁ ସୁରକ୍ଷା ଆଇନ-୨୦୧୨

ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ-୨୦୧୨ ଓ ଆମ ବ୍ୟବସ୍ଥା

ଦିଲ୍ଲୀପ କୁମାର ଦାସ

ସାରା ବିଶ୍ବରେ ଭାରତର ଶିଶୁ ସଂଖ୍ୟା ସର୍ବାଧିକ । ଭାରତର ସମୁଦାୟ ଲୋକ ସଂଖ୍ୟାର ଶତକଡ଼ା ୪୨ ଭାଗ ହେଉଛନ୍ତି ୧୮ ବର୍ଷ ବୟସରୁ କମ୍ ବୟସର, ଯେଉଁମାନେ ବାଳୁତ ବା ଶିଶୁ ଶ୍ରେଣୀଭୁକ୍ତ । ଯେ କୌଣସି ରାଷ୍ଟ୍ର ଅବା ଦେଶ ତାର ପ୍ରଗତି ଏବଂ ବିକାଶ ବିଷୟରେ ଚିନ୍ତା କଲାବେଳେ ଶିଶୁମାନଙ୍କର ସ୍ବାସ୍ଥ୍ୟ ଓ ସୁରକ୍ଷାକୁ ଅଗ୍ରାଧିକାର ଦେଇଥାନ୍ତି । କିନ୍ତୁ ଯେତେବେଳେ କୌଣସି ଦେଶରେ ଯଦି ଶିଶୁମାନେ ଯୌନ ଉତ୍ପୀଡ଼ନର ଶୀକାର ହେବା ଭୟ ଥାଏ ତେବେ ବିକାଶ କଥା ଚିନ୍ତା କରାଯାଇ ନ ପାରେ । ଆମ ଦେଶ ଭାରତବର୍ଷରେ ଏହି ସମସ୍ୟାକୁ ପ୍ରତିହତ କରିବାପାଇଁ ୨୦୧୨ ମସିହା ମଇ ମାସରେ ପାର୍ଲିଆମେଣ୍ଟରେ ଶିଶୁମାନଙ୍କୁ ଯୌନ ହିଂସା ବା ଯୌନ ଅପରାଧରୁ ସୁରକ୍ଷା ଦେବାପାଇଁ ଏକ ସ୍ବତନ୍ତ୍ର ଆଇନ ଗୃହୀତ କରାଯାଇଛି । ଏହି ଆଇନ ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ-୨୦୧୨ ନାମରେ ପରିଚିତ ହୋଇ ୧୯ ଜୁନ ୨୦୧୨ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବା ସହିତ ୧୪ ନଭେମ୍ବର ୨୦୧୨ (ଶିଶୁଦିବସ)ରୁ ସାରା ଦେଶରେ କାର୍ଯ୍ୟକାରୀ ହେଉଛି ।

ଏହି ଆଇନ (ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ-୨୦୧୨) ଲିଙ୍ଗଗତ ଭେଦଭାବ ନ ରଖି ଅଠରବର୍ଷ ବୟସରୁ କମ ବୟସର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶିଶୁଭାବରେ ମାନ୍ୟତା ପ୍ରଦାନ କରୁଛି, ଏବଂ ସେମାନଙ୍କ ପ୍ରତି ହେଉଥିବା ସମସ୍ତ ପ୍ରକାର ଯୌନ ଅପରାଧର ସଂଜ୍ଞା ନିରୂପଣ କରିଛି । ନିରୁପିତ ହୋଇଥିବା ଯୌନ ଅପରାଧର ପ୍ରକାର ମଧ୍ୟରେ ସମସ୍ତ ପ୍ରକାର ଯୌନ ସଂସର୍ଗ, ଯୌନ ଶୋଷଣ ଏବଂ ଯୌନ ଚିତ୍ରଣକୁ ସ୍ଥାନ ଦିଆଯାଇଛି । ଅପରାଧର ଗମ୍ଭୀରତା ଅନୁଯାୟୀ କଠିନରୁ କଠିନ ଦଣ୍ଡ, ଏପରିକି ସ୍ଥଳ ବିଶେଷରେ ଆଜୀବନ ସଶ୍ରମ କାରାଦଣ୍ଡ ଓ ଜୋରିମାନା ଭଳି ଦଣ୍ଡ ବ୍ୟବସ୍ଥା ଏହି ଆଇନରେ କରାଯାଇଛି ।

ଆନ୍ତର୍ଜାତୀୟ ସ୍ତରରେ ପ୍ରଚଳିତ ଥିବା ସର୍ବଶ୍ରେଷ୍ଠ ଶିଶୁ ସୁରକ୍ଷାର ମାନଦଣ୍ଡ ଗୁଡ଼ିକୁ ଆଖିରେ ରଖି ଶିଶୁମାନଙ୍କ ପ୍ରତି ହେଉଥିବା ଯୌନ ଅପରାଧ ଗୁଡ଼ିକର ପଞ୍ଜୀକରଣ କରିବା ବାଧ୍ୟତାମୂଳକ କରାଯାଇଛି । ଯଦି ଜଣେ ବ୍ୟକ୍ତି ଅନ୍ୟଜଣେ ବ୍ୟକ୍ତିଙ୍କୁ, ଏପରିକି କୌଣସି ଶିଶୁକୁ ବଦନାମ ବା ଅପମାନିତ କରିବା ଲକ୍ଷ୍ୟରେ କିଛି ମିଥ୍ୟା/ଭୂଲ ସୂଚନା ପ୍ରଦାନ କରୁଛନ୍ତି ତେବେ ସେଭଳି ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦେବାପାଇଁ ମଧ୍ୟ ଏହି ଆଇନରେ ଅନୁମୋଦନ କରାଯାଇଛି । ସବୁଠାରୁ ଗୁରୁତ୍ବପୂର୍ଣ୍ଣ କଥା ହେଲାଯେ, ଶିଶୁମାନଙ୍କ ପ୍ରତି ହେଉଥିବା ଯୌନ ଅପରାଧ ସମ୍ପର୍କରେ ଅଭିଯୋଗ ଏବଂ ବିବରଣୀ ପଞ୍ଜୀକୃତ କରିବା, ପ୍ରମାଣ ସଂଗ୍ରହ କରିବା, ଅନୁସନ୍ଧାନ କରିବା ଏବଂ ମାମଲାର ବିଚାର ପ୍ରକ୍ରିୟା ସବୁକିଛି ଶିଶୁଙ୍କୁ ସୁହାଇଲା ଭଳି ଢଙ୍ଗରେ କରିବାପାଇଁ ଏହି ଆଇନରେ ନିର୍ଦ୍ଦିଷ୍ଟ କରାଯାଇଛି ।

ଏହି ଆଇନର ଧାରା-୪୫ ଅନୁଯାୟୀ ଆଇନକୁ କାର୍ଯ୍ୟକାରୀ କରାଇବାର ନିୟମାବଳୀ ପ୍ରସ୍ତୁତ କରିବା କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ରହିଛି । ପ୍ରସ୍ତୁତ ହୋଇଥିବା ନିୟମାବଳୀରେ ବ୍ୟାଖ୍ୟାକାର,

ଅନୁବାଦକାରୀ, ସ୍ବତନ୍ତ୍ର ଶିକ୍ଷକ ଏବଂ ବିଶେଷଜ୍ଞ ମାନଙ୍କର ଯୋଗ୍ୟତା ଓ ଅଭିଜ୍ଞତା ବିଷୟରେ ଉଲ୍ଲେଖ କରାଯିବା ସହିତ ଏହିଭଳି ଯୌନ ଅପରାଧର ଶୀକାର ହେଉଥିବା ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା, ଜରୁରୀକାଳୀନ ଚିକିତ୍ସା ଏବଂ ପିଡ଼ିତ ଶିଶୁଙ୍କୁ ଦିଆଯିବାକୁ ଥିବା କ୍ଷତିପୂରଣ ଅର୍ଥ ଯୋଗାଇଦେବାର ସୁବ୍ୟବସ୍ଥା କରିବା ଦିଗରେ ଜାତୀୟ ଶିଶୁ ସୁରକ୍ଷା ଆୟୋଗ (NCPCR) ଏବଂ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (SCPCR) ମାନଙ୍କର ଦାୟିତ୍ବ ତଥା ପଦକ୍ଷେପ ଗୁଡ଼ିକ ସମ୍ବନ୍ଧରେ ନିୟମ ପ୍ରଣୟନ କରାଯାଇଛି ।

କିଶୋର ନ୍ୟାୟ (ବାଳୁତ ଯତ୍ନ ଓ ସୁରକ୍ଷା) ଆଇନ-୨୦୦୦ (Juvenile Justice Act-2000) ଅଧୀନରେ ଗଠିତ ଜିଲ୍ଲାସ୍ତରୀୟ ଶିଶୁ କଲ୍ୟାଣ କମିଟି (Child Welfare Committee) ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଗୋଷ୍ଠୀ (District Child Protection Unit) ଗୁଡ଼ିକ ଉପରେ ଏହି ଆଇନର ନିୟମାବଳୀ ଆସ୍ଥା ପ୍ରକଟ କରିବା ସହିତ ଯୌନ ଅପରାଧର ଶୀକାର ହେଇଥିବା ଶିଶୁମାନେ ଅନୁସନ୍ଧାନ ଓ ବିଚାର ଚାଲିଥିବା ସମୟରେ ଯେପରି ପୁନଶ୍ଚ ନିର୍ଯ୍ୟାତନାର ଶୀକାର ନ ହେବେ, ଏବଂ ସେମାନଙ୍କୁ ଯତ୍ନ ଏବଂ ସୁରକ୍ଷା ଠିକ୍ ଭାବରେ ମିଳିପାରିବ ତାହା ନିଶ୍ଚିତ କରିବେ ବୋଲି ଦାୟିତ୍ବ ପ୍ରଦାନ କରିଛି । ଜରୁରୀକାଳୀନ ପରିସ୍ଥିତିରେ ଯେତେବେଳେ କୌଣସି ଶିଶୁକୁ କୌଣସି ସ୍ବାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ପାଖକୁ ଚିକିତ୍ସା ପାଇଁ ନିଆଯାଉଛି ସେତେବେଳେ ସେହି ସ୍ବାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥାମାନେ ଚିକିତ୍ସା ପୂର୍ବରୁ ଯେପରି କୌଣସି ମାଜିଷ୍ଟ୍ରେଟଙ୍କର ନିର୍ଦ୍ଦେଶନାମା ଓ ଅନ୍ୟାନ୍ୟ କାଗଜପତ୍ର/ ଦଲିଲ ଦାବୀ ନ କରିବେ ତାହା ଏହି ଆଇନ ବଳରେ ନିଶ୍ଚିତ କରାଯାଇଛି । ଏପରି ଅପରାଧ ଘଟିବା ଫଳରେ ଅପରାଧର ଶୀକାର ହୋଇଥିବା ଶିଶୁ ଯଦି ଶିକ୍ଷାଲାଭରୁ ବଞ୍ଚିତ ହୋଇଛି, ଅବା ନିଯୁକ୍ତି ଓ ଆୟରୁ ବଞ୍ଚିତ ହୋଇଛି, ଅଥବା ଶାରୀରିକ କିମ୍ବା ମାନସିକ ଭିନ୍ନକ୍ଷମ ହୋଇଯାଇଛି, ଗର୍ଭଧାରଣ ଭଳି ଗୁରୁତର କ୍ଷତି ହୋଇଛି ତେବେ ସେପରି ସ୍ଥଳେ ସେ ବାବଦରେ କ୍ଷତିପୂରଣ ଦେବାପାଇଁ ନିର୍ଦ୍ଦେଶନାମା ଜାରିକରିବା କ୍ଷମତା ସ୍ବତନ୍ତ୍ର ଅଦାଲତଙ୍କୁ ଏହି ଆଇନ ବଳରେ ଦିଆଯାଇଛି, ଯାହାକି ଅଦାଲତ ମାମଲାର ଯେ କୌଣସି ସମୟରେ ଜାରି କରିପାରିବେ ।

ଉପର ବର୍ଣ୍ଣିତ ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ, ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଦେବା ଦିଗରେ ଆଇନ ଅଦାଲତର ଭୂମିକା ଯେତିକି ରହିଛି, ଶିଶୁମାନଙ୍କର ସୁରକ୍ଷା ପାଇଁ ଗଠିତ ଜାତୀୟ ଶିଶୁ ସୁରକ୍ଷା ଆୟୋଗ (NCPCR), ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (SCPCR), ଜିଲ୍ଲାସ୍ତରୀୟ ଶିଶୁ କଲ୍ୟାଣ କମିଟି (Child Welfare Committee) ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଗୋଷ୍ଠୀ (District Child Protection Unit) ଗୁଡ଼ିକର ଭୂମିକା ତା'ଠାରୁ ଯଥେଷ୍ଟ ଅଧିକ ରହିଛି । ଦେଶ, ରାଜ୍ୟ ତଥା ଜିଲ୍ଲାସ୍ତରରେ ସ୍ଥାପିତ ଏସବୁ ବୈଧାନିକ ସଂସ୍ଥାମାନେ ଶିଶୁମାନଙ୍କର ଯତ୍ନ, ସୁରକ୍ଷା ଓ ଅଧିକାର ଦିଗରେ ଯତ୍ନବାନ ହେବା ସହିତ ଯେଉଁଠି ବି ଏହିଭଳି ଶୋଷଣ ଏବଂ ନିର୍ଯ୍ୟାତନାର ଘଟଣା ସବୁ ଘଟୁଛି ସେସବୁକୁ ସଠିକ୍ ଢଙ୍ଗରେ ଅନୁସନ୍ଧାନ କରି ସ୍ବତଃସ୍ଫୁର୍ତ୍ତ ଭାବରେ ଆଇନର ଗଣ୍ଡି ଭିତରେ ରହି ଏଭଳି ପଦକ୍ଷେପ ନେବାକଥା ଯାହାଦ୍ବାରା ଆମ ଦେଶରେ ଏହିଭଳି ପୀଡ଼ିତ ଶିଶୁମାନଙ୍କୁ ତ୍ବରିତ ନ୍ୟାୟ ମିଳିପାରିବ

ଏବଂ ଏହାର ପ୍ରଭାବରେ ଶିଶୁମାନଙ୍କ କ୍ଷେତ୍ରରେ ହେଉଥିବା ଅପରାଧ ହ୍ରାସ ପାଇବ |

କିନ୍ତୁ, ବିଳକ୍ଷଣର ବିଷୟ ଏହି ଯେ, ଆମ ଓଡ଼ିଶା ରାଜ୍ୟରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ପ୍ରତ୍ୟେକ ଜିଲ୍ଲାରେ ଶିଶୁ କଲ୍ୟାଣ ସମିତି ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଗୋଷ୍ଠୀ ଗଠନ ହୋଇଥିଲେ ହେଁ ସେମାନଙ୍କର କାର୍ଯ୍ୟଧାରା ବିଷୟରେ ଜନସାଧାରଣ ଏପର୍ଯ୍ୟନ୍ତ ବୁଝିନାହାନ୍ତି କିମ୍ବା ଜନସାଧାରଣ ବୁଝିବାଭଳି କାର୍ଯ୍ୟ ଏସବୁ ସଂସ୍ଥାମାନେ କରୁନାହାନ୍ତି | କଥାରେ ଅଛି - ଫଳେନ ପରିଚୟତେ | ଅର୍ଥାତ ନିଜର ପରିଚୟ ସୃଷ୍ଟି କରିବାକୁ ହେଲେ ନିଜର କର୍ମ ହିଁ ଯଥେଷ୍ଟ | ଜଣେ ଯେପରି କର୍ମ କରିବ ତାର ପରିଚୟ ସେହିଭଳି ଭାବରେ ଜନମାନସରେ ତିଆରି ହୋଇଯିବ | ଅନ୍ୟ ପକ୍ଷରେ ଜଣେ ଯଦି କିଛି ନ କରିବ ତେବେ ତା ବିଷୟରେ ଲୋକେ ଜାଣିବେ କିପରି ?

ଆମ ରାଜ୍ୟରେ ଏ ସବୁ ସଂସ୍ଥାମାନଙ୍କର ପରିଚୟ ଲୋକଲୋଚନକୁ ଆସି ନ ପାରିବାର କାରଣ ହେଲା ସେମାନେ ନିଜର କର୍ତ୍ତବ୍ୟ ସମ୍ପାଦନା କରିବା ଦିଗରେ ବହୁ ପଛରେ ପଡ଼ିଯାଇଛନ୍ତି | ଉଦାହରଣ ସ୍ବରୂପ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (Odisha State Commission for Protection of Child Rights) କୁ ନିଆଯାଇପାରେ | ଉକ୍ତ ଆୟୋଗର ଜନ ସୂଚନା ଅଧିକାରୀଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୨ ମସିହାରୁ ଗଠିତ ଏହି ଆୟୋଗ ପାଖରେ ଆଜିପର୍ଯ୍ୟନ୍ତ ମାତ୍ର ୮୮ଟି ମାମଲା ବିଚାର ପାଇଁ ଆସିଥିଲେ ହେଁ ସେଥିରୁ ଗୋଟିଏ ହେଲେ ମାମଲାର ଫଇସଲା ହୋଇପାରିନାହିଁ, ଅର୍ଥାତ କୌଣସି ପୀଡ଼ିତ ଶିଶୁ ଏ ପର୍ଯ୍ୟନ୍ତ ନ୍ୟାୟ ପାଇ ପାରିନାହିଁ | ଅବଶ୍ୟ ଏହି ଆୟୋଗ ଗଠନ ହେବା ପରଠାରୁ ୨୦୧୨ ମସିହାର ଶେଷ ଭାଗ ପର୍ଯ୍ୟନ୍ତ କେବଳ ଜଣେ ମାତ୍ର ବ୍ୟକ୍ତି (ଅଧକ୍ଷା ଶ୍ରୀମତି ସରସ୍ବତୀ ହେମ୍ବ୍ରମ୍)ଙ୍କୁ ନେଇ ନିଜର ସ୍ଥିତି ଜାହିର କରି ଆସିଥିଲା ଏବଂ ଅନ୍ୟ କୌଣସି ସଦସ୍ୟ ନିଯୁକ୍ତି ପାଇନଥିବାରୁ ଆୟୋଗର ଅଧକ୍ଷା ହିଁ କେବଳ କାର୍ଯ୍ୟାଳୟ ଜଗି ପଡ଼ି ରହିଥିଲେ | ୨୦୧୨ ମସିହାର ଶେଷଭାଗରେ ଅନ୍ୟ ଦୁଇଜଣ ସଦସ୍ୟ ନିଯୁକ୍ତି ପାଇଥିଲେ ହେଁ ଆଇନ୍ ଅନୁସାରେ ଆୟୋଗ ଏବେ ମଧ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି | କାରଣ ନିୟମ ଅନୁଯାୟୀ ଆୟୋଗର ଜଣେ ଅଧକ୍ଷ/ଅଧକ୍ଷା ଏବଂ ଛଅଜଣ ସଦସ୍ୟ/ସଦସ୍ୟା ରହିବା କଥା, କିନ୍ତୁ ଆଜି ପର୍ଯ୍ୟନ୍ତ ତାର ଅଧାଭାଗ ପଦବୀ ମଧ୍ୟ ପୁରଣ ହୋଇନାହିଁ | ଏତଦ୍ ବ୍ୟତୀତ ଆୟୋଗରେ ଯେଉଁ ସବୁ ବିଶେଷଜ୍ଞ ଏବଂ ପରାମର୍ଶଦାତା ମାନେ ନିଯୁକ୍ତ ହେବା କଥା ତାହା ମଧ୍ୟ ହୋଇନାହିଁ | ଅପରପକ୍ଷରେ ନିଯୁକ୍ତ ହୋଇଥିବା ସଦସ୍ୟ/ସଦସ୍ୟା ଯେ କେତେ ଯୋଗ୍ୟ ଏବଂ ଶିଶୁ ଅଧିକାର ଉପରେ ଏମାନଙ୍କର କଣ ସବୁ ଅଭିଜ୍ଞତା ରହିଛି ତଥା ଆଇନ ଉପରେ ଏମାନଙ୍କର ଦଖଲ କେତେ ଗଭୀର ତାହା ଜନସାଧାରଣ ଜାଣିନାହାନ୍ତି | ଏମାନଙ୍କର ନିଯୁକ୍ତି ପ୍ରକ୍ରିୟା ସ୍ବଚ୍ଛ ବୋଲି କୁହାଯାଇ ପାରିବ ନାହିଁ, କାରଣ ଏହି ନିଯୁକ୍ତି ଜନସାଧାରଣଙ୍କ ଅଗୋଚରରେ ସରକାରୀ ସ୍ତରରେ ହିଁ କରାଯାଇଛି, ଯେଉଁଠାରେ ପ୍ରିୟାପ୍ରୀତିତୋଷଣ ଏବଂ ଦୁର୍ନୀତି ବିଷୟକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ |

ଦ୍ବିତୀୟତଃ, କୌଣସି ଗୋଟିଏ ହେଲେ ମାମଲାର ଫଇସଲା କରିନପାରିବା, 'କଣ୍ଢେଇ' ନାମ୍ନୀ ଝିଅର ମାତୃତ୍ବ ଦାବୀ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଠାରୁ ଭର୍ତ୍ସନା ଶୁଣିବା ଭଳି ଘଟଣା ଆୟୋଗର ଅଧକ୍ଷା

ଏବଂ ସଦସ୍ୟ ମାନଙ୍କ ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଆୟୋଗ ପରିଚାଳନା ପାଇଁ ପର୍ଯ୍ୟାପ୍ତ ଅର୍ଥ ଏବଂ ଆନୁସଙ୍ଗିକ ସୁବିଧା ସୁଯୋହ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିଲେ ସୁଦ୍ଧା ଏହି ଆୟୋଗ ସ୍ଥାଣୁତା ମଧ୍ୟରେ ଗତି କରିବା, ଗାଁ ଗହଳିରେ ଘଟୁଥିବା ଶିଶୁ ନିର୍ଯ୍ୟାତନା ମାମଲା ଗୁଡ଼ିକୁ ସ୍ବକୀୟ ଭାବରେ ଗ୍ରହଣ କରି ସରଜମିନ ତଦନ୍ତ ପାଇଁ ଘଟଣାସ୍ଥଳକୁ ନଯିବା ଅତ୍ୟନ୍ତ ପରିତାପର ବିଷୟ । ଯଦି ପ୍ରତିଦିନ ଖବର କାଗଜ ମାନଙ୍କରେ ପ୍ରକାଶିତ ହେଉଥିବା ଶିଶୁ ନିର୍ଯ୍ୟାତନା ଖବର ଗୁଡ଼ିକୁ ଆୟୋଗ ନିଜ ତରଫରୁ ସ୍ବକୀୟ ପ୍ରକ୍ରିୟାରେ ମାମଲା ରୂପରେ ଗ୍ରହଣ କରିଥାରେ ତେବେ ମଧ୍ୟ ଏ ପର୍ଯ୍ୟନ୍ତ ଆୟୋଗ ପାଖରେ ଶତାଧିକ ମାମଲା ବିଚାର ପାଇଁ ଥାଆନ୍ତା ।

ତୃତୀୟତଃ, ଜାତୀୟ ସ୍ତରରେ ଗଠିତ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (NCPCR) ଙ୍କ ପାଖରେ ଜଣେ ବ୍ୟକ୍ତି ଚାହିଁଲେ ନିଜର ଅଭିଯୋଗ ସହଜରେ ଦାଖଲ କରି ପାରୁଛନ୍ତି ଏବଂ ସେଥିପାଇଁ ଆୟୋଗଙ୍କ ପାଖରୁ ପ୍ରାପ୍ତିସ୍ବୀକାର (acknowldgement) ମିଳିପାରୁଛି । କାରଣ ଆୟୋଗଙ୍କ ନିଜସ୍ବ ୱେବସାଇଟ (www.ncpcr.gov.in) ଅଛି ଏବଂ ସେଥିରେ ଅଭିଯୋଗ ଦାଖଲ ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯାଇଛି । ତା'ସହିତ ଜାତୀୟ ଆୟୋଗର ମାମଲା ଗୁଡ଼ିକ ସଠିକ୍ ଢଙ୍ଗରେ ପରିଚାଳନା କରିବାପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି । କିନ୍ତୁ ଆମ ଓଡ଼ିଶାର ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନା ଅଛି ନିଜସ୍ବ ୱେବସାଇଟ୍, ନା ଅଛି ଅଭିଯୋଗ ଦାଖଲ କରିବାପାଇଁ କୌଣସି ସଠିକ୍ ବ୍ୟବସ୍ଥା । ଆୟୋଗଙ୍କ ପାଖରେ କୌଣସି ଅଭିଯୋଗ ଦାଖଲ କଲେ ତାହା ପଞ୍ଜୀକୃତ ହେଲା କି ନାହିଁ ତାହା ଅଭିଯୋଗକାରୀ ଜାଣିପାରନ୍ତି ନାହିଁ । ଏହି ଲେଖକ ଆଜି ପର୍ଯ୍ୟନ୍ତ ସଂଖ୍ୟାଧିକ ଅଭିଯୋଗ ଦାଖଲ କରିଥିଲେ ମଧ୍ୟ ତାର କୌଣସି ପ୍ରାପ୍ତିସ୍ବୀକାର ପାଇପାରିନାହାନ୍ତି ।

ସେମିତି, ଯଦି ଜିଲ୍ଲା ସ୍ତରରେ ଶିଶୁକଲ୍ୟାଣ କମିଟି ଏବଂ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ଼ ଗୁଡ଼ିକର ଗଠନ ପ୍ରଣାଳୀ ଦେଖିବା ତେବେ ସେହି ଏକା ପ୍ରକାରର ଚିତ୍ର ଆମ ସାମନାକୁ ଆସିବ । ଏହି ସବୁ ସଂସ୍ଥାଗୁଡ଼ିକ ମଧ୍ୟ ଏକ ପ୍ରକାରର ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି, ଯେଉଁଠାରେ ଜିଲ୍ଲାସ୍ତରର ଅଧିକାରୀମାନଙ୍କୁ ହାତରେ ରଖିପାରୁଥିବା ବ୍ୟକ୍ତିମାନେ ଓ ରାଜନେତାଙ୍କ ଛତ୍ରଛାୟା ତଳେ ଥିବା ବ୍ୟକ୍ତିବିଶେଷ ପଦପଦବୀ ହାତେଇବାକୁ ସଫଳ ହେଉଛନ୍ତି । ଭାତହାଣ୍ଡିରୁ ଗୋଟିଏ ପରୀକ୍ଷା କଲାଭଳି କଳାହାଣ୍ଡି ଜିଲ୍ଲା କଥା ନେବା । କଳାହାଣ୍ଡି ପରି ପଛୁଆ ଜିଲ୍ଲାରେ ଗଠିତ ଶିଶୁ କଲ୍ୟାଣ କମିଟି ତାଙ୍କ ପାଖକୁ ସରକାରଙ୍କ ତରଫରୁ କେତେ ଟଙ୍କା କେଉଁ ବାବଦରେ ଆସୁଛି ଜାଣନ୍ତି ନାହିଁ । ଏପରିକି, ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲ୍ଲାର ଦୁର୍ଗମ ଥୁଆମୁଳ ରାମପୁର ବ୍ଲକର କାଠକୁରା ଆଶ୍ରମ ବିଦ୍ୟାଳୟର ଜଣେ ଛଅ ବର୍ଷ ବୟସର ଶିଶୁ ଗରମ ପେଜ ପଡ଼ି ଗୁରୁତର ଭାବରେ ପୋଡ଼ିଯାଇଥିବା ଘଟଣା ଗଣମାଧ୍ୟମ ମାନଙ୍କରେ ପ୍ରକାଶିତ ହୋଇଥିବା ମଧ୍ୟ ତାର ଔଷଧ କିମ୍ବା ଚିକିତ୍ସା ବାବଦରେ ଶିଶୁ କଲ୍ୟାଣ କମିଟି ଟଙ୍କାଟିଏ ବି ଖର୍ଚ୍ଚ କରିନାହାନ୍ତି । ଏହି ସବୁ ସଂସ୍ଥାରେ ଶିଶୁମାନଙ୍କ ମନସ୍ତତ୍ବ ବିଷୟରେ ଯଥେଷ୍ଟ ଅଭିଜ୍ଞତା ଥିବା ବ୍ୟକ୍ତି ସଦସ୍ୟ ଭାବରେ ନିଯୁକ୍ତ ହେବାର ନିୟମ ଥିଲେ ମଧ୍ୟ ନିଯୁକ୍ତ ପାଇଥିବା ବ୍ୟକ୍ତିମାନେ ଅଭିଜ୍ଞତାର ଅଧିକାରୀ କି ନୁହନ୍ତି ତାହା ଜନସାଧାରଣ ଜାଣିନାହାନ୍ତି । ଏପରିକି, ମହିଳା ଓ

ଶିଶୁ ମାନଙ୍କୁ ନିର୍ଯ୍ୟାତନା ଦେଇ ଅଦାଲତରେ ଫୌଜଦାରୀ ମୋକଦ୍ଦମାରେ ଜଡ଼ିତ ବ୍ୟକ୍ତି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ଼ରେ ସଭ୍ୟା ଭାବରେ ନିଯୁକ୍ତି ପାଇବାର ନଜିର ଆମ ରାଜ୍ୟରେ ରହିଛି |

ଏସବୁ ଘଟଣାବଳୀ ଏବଂ ବିଷୟବସ୍ତୁ ଗୁଡ଼ିକୁ ତର୍ଜମା କଲେ ଆମେ କହିପାରିବା କି ଆମ ରାଜ୍ୟର ବ୍ୟବସ୍ଥା ଶିଶୁମାନଙ୍କର ଅଧିକାର ସୁରକ୍ଷିତ ରଖିବା ଦିଗରେ ସହାୟକ ହେବ ଓ ବିପଦରେ ପଡ଼ିଥିବା ଶିଶୁମାନଙ୍କୁ ଯତ୍ନ ଏବଂ ସୁରକ୍ଷା ଆଇନାନୁମୋଦିତ ଢଙ୍ଗରେ ଯୋଗାଇ ଦେବ ?

ଶିଶୁ ମାନଙ୍କୁ ସବୁ ସୁରକ୍ଷା ଦେବାର ସମସ୍ତ ବ୍ୟବସ୍ଥା ଭିତରେ ଏକ ଗୁରୁତ୍ତ୍ୱପୂର୍ଣ୍ଣ ଅଙ୍ଗ ହେଲା 'ପୋଲିସ୍' | ପୋଲିସ ଅଧିକାରୀ ମାନଙ୍କର ମାନସିକତା ଆଜି ପର୍ଯ୍ୟନ୍ତ ସେହି ବ୍ରିଟିଶ୍ ଅମଳର ମାନସିକତା ହୋଇ ରହିଯାଇଛି | ଆମ ଦେଶର ଆଇନ ବ୍ୟବସ୍ଥା ଭିତରେ ପୋଲିସକୁ ଏଭଳି କ୍ଷମତା ଦିଆଯାଇନାହିଁ, ଯଦ୍ବାରା ପୋଲିସ ଶିଶୁ (୧୮ ବର୍ଷରୁ କମ ବୟସର) ମାନଙ୍କୁ ଶାରୀରିକ ଦଣ୍ଡ ଦେଇ ପାରିବ | କିନ୍ତୁ କଳାହାଣ୍ଡି ଜିଲ୍ଲାର ରିଷିଡ଼ା ଫାଣ୍ଡି ହେଉ କି କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ହେଉ ଅବା ସମ୍ବଲପୁର ଜିଲ୍ଲାର ନାବାଳକକୁ ଜେଲ ପଠାଇବା ଘଟଣା ହେଉ କି ନିକଟରେ ଘଟିଥିବା ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ଥାନାରେ ନାବାଳକକୁ ସିଗାରେଟ୍ ଚେଙ୍କ ଘଟଣା, ସବୁଠି ପୋଲିଶ ଶିଶୁମାନଙ୍କର ଅଧିକାରକୁ ଦଳିମକଚି ଖିନଭିନ କରିଦେବାର ବହୁ ଖବର ନିତି ଆମ ସାମନାକୁ ଆସୁଛି | ଜୁଭେନାଇଲ୍ ଜଷ୍ଟିସ ଆକ୍ଟ-୨୦୦୦ (କିଶୋର ନ୍ୟାୟ ଆଇନ-୨୦୦୦) ଅନୁଯାୟୀ ପୋଲିସ କୌଣସି ଶିଶୁକୁ ଏପରିକି ସାକ୍ଷୀ ଦେବାପାଇଁ ମଧ୍ୟ ଥାନାକୁ ଆଣିପାରିବ ନାହିଁ | ସେମାନଙ୍କ ଠାରୁ ସାକ୍ଷ ଗ୍ରହଣ କରିବାପାଇଁ ମଧ୍ୟ ପୋଲିସ ସେହି ଶିଶୁ ଘରକୁ ଯିବା ଦରକାର | କିନ୍ତୁ, ଆମ ରାଜ୍ୟର ପୋଲିସ ଏତେସବୁ ଆଇନ ବ୍ୟବସ୍ଥା ବୁଝିବାକୁ ଚେଷ୍ଟା ନ କରି ଶିଶୁମାନଙ୍କୁ ଥାନା/ଫାଣ୍ଡିକୁ ଡାକି ମାଡ଼ ମାରିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି |

ଏଥିରୁ ବୁଝା ପଡୁଛି, ପ୍ରଚଳିତ ବ୍ୟବସ୍ଥା ଭିତରେ ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ-୨୦୧୨ କେତେ ସଫଳ ଭାବରେ କାର୍ଯ୍ୟକାରୀ ହୋଇ ପାରିବ | ଗୋଟିଏ ଆଇନ କେବଳ ପ୍ରଣୀତ ହୋଇଗଲେ ଯଥେଷ୍ଟ ନୁହେଁ, ଏହାକୁ ସଠିକ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ସଠିକ ମାନସିକତାର ଆବଶ୍ୟକତା ରହିଛି |


# ମୋ ଭ୍ରମଣ କାହାଣୀ



ପ୍ରଶାନ୍ତ କୁମାର ଭୂୟାଁ

– ଟରୋଣ୍ଟୋ - ୭ ( ପୂର୍ବ ପ୍ରକାଶିତ ଉତ୍ତାରୁ )

ଶୀତର ପ୍ରକୋପ ଧିମେଇଲା ବେଳକୁ ମାର୍ଚ୍ଚ ମାସ ହୋଇସାରିଥିଲା । ହେଲେ ଏଇ କୋହଲା ପାଗ ଆଉ କେତେବେଳେ ଅସରାଏ ବର୍ଷା ସମସ୍ତ ଟରୋଣ୍ଟୋବାସୀଙ୍କୁ କିଛି ଇସାରା ଦେବାରେ ଲାଗିଥିଲା। ଏହି ମାସରେ ମୁଁ ଏକ ଅଭୁତପୂର୍ବ ଅନୁଭୂତି ପାଇଥିଲି । ସେଇଟା ହେଲା ସୂର୍ଯ୍ୟର ଅସହାୟତା ଆଉ ତାକୁ ଟିକଲ କରିବାରେ ଲାଗିଥିଲେ ରାସ୍ତା କଡ଼ରେ ତୁଳା ପାହାଡ଼ ଭଳି ଗଦା ହୋଇଥିବା ବରଫ ସବୁ। ରାସ୍ତାକଡ଼ରେ ଏହି ଆଭାବନୀୟ ପରିସ୍ଥିତି ଦେଖିବାକୁ ବେଳେବେଳେ ଠିଆ ହୋଇପଡୁଥିଲି। ସେତେବେଳେ ପିଲାବେଳର କଥା ସବୁ ମନେ ପଡୁଥିଲା। ସେତେବେଳେ ଆମ ଚାଳଛପର ଘରେ ରହୁଥିଲୁ। ଯେବେ କୋହଲା ପାଗସହ ଘଡ଼ଘଡ଼ି ସହ ତୁହାକୁ ତୁହା ବର୍ଷା ହେଉଥିଲା ସେତେବେଳେ କରକା ବା କୁଆପଥର ସବୁ ଅଚାନକ ଟପ୍‌ଟାପ୍ ହୋଇ ମାଟି ଅଗଣା ଆଉ ଚାଳ ଉପରେ ବରଷି ଯାଉଥିଲେ। ମୁଁ ଆଉ ମୋ ଭଉଣୀ ଗୋଟିଏ କଂସାଗିନା ଧରି ସେ ସବୁକୁ ଗୋଟାଇବାକୁ ଯଥୋଚିତ ପ୍ରୟାସ କରୁଥିଲୁ। ତିନିଦିନର ଜ୍ୱର ଆଉ ସର୍ଦ୍ଦିକୁ ବହଣା ଦେଇ ପାଉଥିଲୁ ୫/୧୦ଟି କୁଆପଥର।ସେଇଟାବି ବାପାଙ୍କ ଗାଳି ଶୁଣିବା ପୂର୍ବରୁ ତାଟିଆ ଭିତରେ ହିଁ ମିଳାଇ ଯାଉଥିଲା। ହେଲେ ବୋଉ ଖୋର୍ଦ୍ଧା ଗାମୁଛାରେ ମୁଣ୍ଡଟାକୁ ପୋଛିଲାବେଳେ ଚାଳ ଉପରେ ଜମା ହୋଇଥିବା କୁଆପଥର ଗୁଡ଼ିକୁ ଭକୁଆଙ୍କ ଭଳି ଚାହିଁ ରହୁଥିଲି। ହେଲେ ଟରୋଣ୍ଟୋରେ ଏହି ତୁଷାରପାତ ହେଲା ପରେ ମଧ୍ୟ ଏଇ ବରଫ ଗଦା ଗୁଡ଼ିକ ୫-୭ ଦିନ ବା ଅଧିକ ଦିନ ରହୁଥିଲେ। ଏପଟେ ସୂର୍ଯ୍ୟ ଆକାଶରେ ମହାଆଡ଼ମ୍ବରରେ ନିଜ ରଥରେ ବିଜେ ହୋଇ ଅତି ପ୍ରଖର ରୂପେ ନିଜର ତେଜୋମୟ ରଶ୍ମୀ ସବୁ ଏଇ ବରଫ ଉପରେ ନିକ୍ଷେପ କରୁଥିବେ । ଆଉ ସେପଟେ ରାମାୟଣ / ମହାଭାରତ ଧାରାବାହିକରେ ଅସୁରମାନେ ନିଜ ଦେହରୁ ଶର ସବୁ ହାତରେ ଆଡ଼େଇଲା ପରି ଏହି ବରଫ ଗଦା ଗୁଡ଼ାକୁ ସୂର୍ଯ୍ୟ କିରଣକୁ ତିଳେହେଁ ଖାତର କରୁନଥିବେ। ଆଉ ଏତେ ପ୍ରଖର ସୂର୍ଯ୍ୟକିରଣରେ ମଧ୍ୟ ତାପମାନ -୧୫ ରୁ -୨୫ ଯାଏଁ ଥିବ । ଇଏ ଏକ ଅଭୁତପୂର୍ବ ଅନୁଭୂତି ପାଇଥିଲି ଏଇ ଟରୋଣ୍ଟୋ ସହରରେ ।




ସେଦିନ ସହର ଆଡ଼କୁ ଯିବାକୁ ଟିଟିସି ବସ୍‌ପାଇଁ ଅପେକ୍ଷା କରିଥାଏ । ଏପଟେ ଥଣ୍ଡା ହେଉଥାଏ । ବିଶ୍ରାମାଗାରର କାଚକାନ୍ଥ ଆଡ଼କୁ ଆଉଜିବା ପାଇଁ ଗଲାବେଳେ ଦେଖିଲି ଗୋଟିଏ ପୋଷ୍ଟର୍ 'କାନାଡ଼ା ବ୍ଲୁମ୍‌ସ୍' । ପଢ଼ିଲି ଉପରୁ ତଳ ଯାଏଁ । ବୁଝିଲି ଏହା ହେଉଛି ଏକ ପୁଷ୍ପ ପ୍ରଦର୍ଶନୀ । ଘରକୁ ଫେରି ବିଭିନ୍ନ ଆନ୍ତର୍ଜାଲୀୟ ସମ୍ପ୍ରୟୋଗ ସବୁ ଖୋଲି ଦେଖିଲି ଏହାର ବିଶେଷ ବିବରଣୀ । ଆଉ ମୋର ସ୍ତ୍ରୀଙ୍କୁ

କହିଲି, ଚାଲହେ ଯାଇ ଦେଖି ଆସିବା ଏହି ପ୍ରଦର୍ଶନୀ । ସେ ବି ହଁ ଭରିଲେ । ଆଉ ଆମେ ୨୦ତାରିଖ ଦିନ ଏହି ପ୍ରଦର୍ଶନୀ ଦେଖିବାକୁ ଗଲୁ ।ଚାଲନ୍ତୁ ଆଜି ଆପଣଙ୍କୁ ଏହି ପୁଷ୍ପ ପ୍ରଦର୍ଶନୀ ଆଡ଼େ ଟିକେ ବୁଲେଇନିଏ ।



ଲେକ୍‌ସୋର ବୁଲେଭାର୍ଡ଼ରେ ଥିବା, ଡାଇରେକ୍ଟ ଏନର୍ଜି ସେଣ୍ଟର୍‌କୁ ଆମ୍ଭେ ଗଲୁ ଏକ ନୂତନ ଉତ୍ସାହ ନେଇ କିଛି ନୂଆ କିସମର ପ୍ରଦର୍ଶନୀ ଦେଖିବାକୁ । ଏହି ସ୍ଥାନଟିକୁ ସମସ୍ତେ ଜାଣନ୍ତି ପ୍ରଦର୍ଶନୀ ସ୍ଥାନ ରୂପେ । ଜନ୍ଦା-ପିମ୍ପୁଡ଼ି ଭଳି ଲୋକମାନଙ୍କ ଧାଡ଼ି ଲାଗିଥାଏ । ସାରା ସହରଟା ଯାକର ଲୋକ ଯେପରି ଏଇଠାରେ ରୁଣ୍ଡ ହୋଇଛନ୍ତି । ଟିକଟ କାଉଣ୍ଟର୍‌ରୁ ଆମ ଦୁଇଜଣଙ୍କ ପାଇଁ ଆବଶ୍ୟକୀୟ ଟିକଟ କିଣି ଭିତରକୁ ପ୍ରବେଶ କଲୁ ।



ଭିତରକୁ ଯାଇ ଯାହା ଦେଖିଲି ତାହା ଅତି ମନଲୋଭା । ଅତି ବୃହତ୍‌କାୟ ଏକ କୋଠରୀରେ ସଜା ହୋଇ ରହିଅଛି ଫୁଲ ଫୁଲ ଆଉ ଫୁଲ । କୋଠରୀତ ନୁହଁ ସତେ ଯେପରି ଏହା ଏକ ଉଦ୍ୟାନ । ହେଲେ ଏଠି ମହୁ ଶୋଷିବାକୁ ଭଅଁର ନାହାନ୍ତି କେବଳ ଏହି ସୌନ୍ଦର୍ଯ୍ୟ ଉପଭୋଗ

କରିବାକୁ ଆମ ମଣିଷ ଜାତି ହିଁ ଠୁଳ ହୋଇଛନ୍ତି ।

ଏହି ସମୟରେ ଜଣେ ତରୁଣୀ ଆସି ମୋତେ ଗୋଟିଏ ତାଲିକା ପୁସ୍ତିକା ଦେଇ ପୂରା କୋଠରୀର ଏକ ବିବରଣୀ ଦେଲେ । ସେ ବହୁତ ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ ଯେ କେଉଁ ପ୍ରକାରର ଫୁଲ କେଉଁଠାରେ ରହିଅଛି । ଏହା ଆମକୁ ସେହି ଭିତରେ ବୁଲି ଦେଖିବାକୁ ଆଉ ଜାଣିବାକୁ ବହୁତ ସହାୟକ ହୋଇଥିଲା । ଆମକୁ ସେହି ଫୁଲର କୃତ୍ରିମ ସହରକୁ ବୁଲିବାକୁ ୫-୬ ଘଣ୍ଟା ଲାଗିଥିଲା । ସେଠାରେ ଫୁଲ ତ ଭଳିକି ଭଳି ସଜା ହୋଇଥିଲା, ତା ସାଙ୍ଗକୁ ଥିଲା ଅନ୍ୟାନ୍ୟ ଆମୋଦ ପ୍ରମୋଦର ଉପାଦାନ । ଖାଇବା ପିଇବା ପାଇଁ ଅତ୍ୟନ୍ତ ଉତ୍ତମ ବ୍ୟବସ୍ଥା । ବିକାକିଣା କରିବାକୁ ଭଳିକି ଭଳି ଦ୍ରବ୍ୟର ପସରା । ପ୍ରାୟୋଜକ ମାନେ ସମସ୍ତ ବ୍ୟବସ୍ଥା ଅତି ଉତ୍ତମ ରୂପେ ଆୟୋଜନ କରିଥିଲେ । ଏହିଭଳି ସାଜସଜ୍ଜାରେ ଏମାନଙ୍କୁ କେହି ବଳି ଯାଇପାରିବନାହିଁ ।

କେବଳ ଉତ୍ତର ଆମେରିକାର ନୁହଁ ପୃଥିବୀର ବିଭିନ୍ନ କୋଣରୁ ବିଭିନ୍ନ ପ୍ରକାର ଫୁଲ ତଥା ବିରଳ ଲତା ଗୁଳ୍ମ ସବୁ ସଂଗୃହୀତ ହେବାର ଦେଖିଲି ସେଠାରେ । ଫୁଲର ପ୍ରକାର ଭେଦ, ସ୍ୱାତନ୍ତ୍ର୍ୟ ଏବଂ ଅନ୍ୟାନ୍ୟ ଗୁଣ ଅନୁସାରେ ତାହା ସବୁ ସଜା ହୋଇ ରହିଥାଏ । ଆଉ ସେହି ଫୁଲ ନିକଟରେ କେହି ନା କେହି ସ୍ୱେଚ୍ଛାସେବକ ରହି ବୁଝାଇବାରେ ଲାଗିଥାନ୍ତି । ଏତେ ପ୍ରକାର ଫୁଲ ଏକାଠି କେବେଁ ଦେଖି ନଥିଲି । କେତେ ଗୁଡ଼ିଏ ଫୁଲ ଦେଖିଲି ଯାହା କି ପାଠ୍ୟ ପୁସ୍ତକ ଅଥବା ଡିସ୍କଭେରି / ନେସ୍‌ନାଲ୍ ଜିଓଗ୍ରାଫିକ୍ ଚାନେଲ୍‌ରେ ହିଁ ଦେଖି ଆସୁଥିଲି । ଆଉ ବହୁତ ଗୁଡ଼ିଏ ନୂଆ ଫୁଲ ମଧ୍ୟ ଦେଖିଲି ।  ଜୀବ ବିଜ୍ଞାନର ଜଣେ ଶିକ୍ଷକ ହିସାବରେ ଆହୁରି ଆଗ୍ରହ ସହକାରେ ଦେଖୁଥିଲି ଆଉ ପଚାରି ବୁଝୁଥିଲି ସବୁ ।

ପ୍ରବେଶ ପଥରେ ଟୁଲିପ୍‌ର ସବୁ ରଙ୍ଗର ଫୁଲ ବିଭିନ୍ନ ଭଙ୍ଗୀରେ ସଜା ହୋଇ ରଖା ଯାଇଥିଲା । ଟୁଲିପ୍ କୁ କୁଆଡ଼େ ପ୍ରେମର ପ୍ରତୀକ ବୋଲି କୁହାଯାଏ । ପର୍ସିଆ, ତୁର୍କୀ, ଇରାନ୍ ଆଉ ମୁଖ୍ୟତଃ ନେଦର୍‌ଲ୍ୟାଣ୍ଡରେ ଇତିହାସ ଆଉ ସମ୍ରାଟ ମାନଙ୍କ ସହ ବହୁତ କଥା କିମ୍ବଦନ୍ତୀ ରହିଅଛି ଏହି ଫୁଲର । ଧିରେ ଧିରେ ଏହା ସମସ୍ତ ଦେଶ କୁ ବ୍ୟାପିବାରେ ଲାଗିଅଛି । ଏହି ଫୁଲ ନିଜର ସୁନ୍ଦରତା ଆଉ ବିଭିନ୍ନ ରଙ୍ଗ ପାଇଁ ସମସ୍ତଙ୍କ ନିକଟରେ ଅତି ପରିଚିତ ।

ଏହି ପରିପ୍ରେକ୍ଷୀରେ ମୋ ଅଷ୍ଟ୍ରେଲିଆ ଗସ୍ତର କିଛି ରୋମାଞ୍ଚକର ଅନୁଭୂତି ଆପଣଙ୍କୁ କୁହେ ଏହି ଫୁଲ କୁ ନେଇ । ୨୦୦୬ ମସିହା ରେ ମୁଁ ଟୁଲିପ୍ ଫେଷ୍ଟିଭାଲ୍ ଦେଖିବାକୁ ଯାଇଥାଏ ମେଲ୍‌ବୋର୍ଣ୍ଣ ନିକଟସ୍ଥ ଟେସ୍‌ଲାର୍ ଗ୍ରାମକୁ । ସେଠାରେ ଏକର ଏକର ବ୍ୟାପୀ ଚାଷଜମିରେ କେବଳ ଟୁଲିପ୍ ଆଉ ସବୁ ରଙ୍ଗର । ସେଠାକାର ଜଣେ ନାଗରିକ ୧୯୫୪ ମସିହାରେ ଭାବିଥିଲେ ଯେ ଭିକ୍ଟୋରିଆରେ ଏକ ଟୁଲିପ୍ ଉଦ୍ୟାନ କରିବେ ଆଉ ଲକ୍ଷ ଲକ୍ଷ ଟୁଲିପ୍ ଫୁଲରେ ଟେସ୍‌ଲାର ଗ୍ରାମ

ସ୍ୱର୍ଗ ପ୍ରାୟେକ ମନେହେବ । କଥାରେ ଅଛି, " ଏ ମନ ଭାବୁଥାଇ ଯାହା, କାଳେ ପ୍ରାପତ ହୁଏ ତାହା" । ସେଇୟା ହିଁ ହେଲା । ସେଇଠାରେ ପ୍ରାୟ ୧୫ – ୨୦ ପ୍ରକାରର ଟୁଲିପ୍ ଶୋଭା ପାଉଛନ୍ତି । ଆଉ ପ୍ରତିବର୍ଷ ହଜାର ହଜାର ଲୋକ ମେଲ୍‌ବୋର୍ଣ୍ଣରୁ ଘଣ୍ଟାଏ ଗାଡ଼ି ଚଲାଇ ସେଇଠି ପହଞ୍ଚି ଯାଆନ୍ତି ।

ଆମ୍ଭେ ମଧ୍ୟ ସେଠାକୁ ଯାଇଥିଲୁ ସେତେବେଳେ । ଟୁଲିପ୍ ସହ ମୋର ଦେଖା ସେତେବେଳର । ଆଉ ଯେତେବେଳେ ସେହି ଟୁଲିପ୍ ଉଦ୍ୟାନ ନିକଟକୁ ମୁଁ ଯାଇଥିଲି , ମୋତେ ସମ୍ଭାଳେ କିଏ ? ମୋର ସୋନି ହେଣ୍ଡିକ୍ୟାମ୍ ଆଉ ମୁଁ ।କେତେ ଯେ ଫୋଟ ଉଠାଇଛି ତାର କଳନା ନାହିଁ । ମୋ ସ୍ତ୍ରୀ ମୋତେ ବୁଝାଇଥିଲେ, ଫୋଟୋଗ୍ରାଫର୍ ମହାଶୟ କ୍ୟାମେରା ଟିକେ ରଖି ପ୍ରକୃତ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତୁ । ମୁଁ କିନ୍ତୁ ନଛୋଡ଼ବନ୍ଧା । ହେଲେ ରସିକପଣିଆର ଗୋଟିଏ ପାଦ ଆଗକୁ ଯାଇ କହିଲି, ମୁଁ ପରା ତୁମର ଆଖିରେ ଏ ସବୁ ଉପଭୋଗ କରୁଛି ? ଏଣୁ ମୋ ଆଖିରେ, ଫୋଟ ଉଠାଇବାରେ ଲାଗିଛି ।

ଠିକ୍ ଏହି ସମୟରେ ସେହି ଉଦ୍ୟାନ ମାଲିକଙ୍କ ଝିଅ ଆମ୍ଭ ନିକଟକୁ ଆସି ପଚାରିଲେ, ଆପଣ ମାନେ କଣ ନବଦମ୍ପତ୍ତି କି ? ଆମର ସମ୍ମତି ପାଇଲା ପରେ ମୋତେ ସେ କହିଲେ ଆପଣ , ଆପଣଙ୍କ ସ୍ତ୍ରୀଙ୍କୁ ଗୋଟିଏ ଟୁଲିପ୍ ଫୁଲ ପ୍ରେମର ଉପହାର ସ୍ୱରୂପ ଦିଅନ୍ତୁ ଆଉ ମୁଁ ସେହି ମୂହୁର୍ତ୍ତକୁ ଆପଣଙ୍କ କ୍ୟାମେରାରେ କେପ୍‌ଚର୍ କରିବି । ଏହା ଏକ ସୋଭେନିର୍ ହୋଇ ସାରା ଜୀବନ ଆପଣଙ୍କ ସହ ରହିଥିବ । କେତେ ଶାଳୀନ ସେ କଥା କେତେ ଉନ୍ନତ ଚିନ୍ତାଧାରା ? ଆମ ଦେଶରେ ପରିସ୍ଥିତି ଅଲଗା ହୋଇଥାନ୍ତା । ମୁଁ ଯଦି କୌଣସି ଉଦ୍ୟାନରେ ଏହି ଭଳି ମୋ ସ୍ତ୍ରୀଙ୍କୁ ଏହିଭଳି ଫୁଲ ଦେବା ଅବସ୍ଥାରେ ଫୋଟ ଉଠାଇବାକୁ କହିଥାନ୍ତି, ତାହାହେଲେ ଯେ କେହି ମଧ୍ୟ ଫୋଟଟିଏ ତ ଉଠାଇ ଦେଇଥାନ୍ତା ହେଲେ ପଛରେ କହିଥାନ୍ତା, ଦେଖହୋ ପ୍ରେମ ଦେଖେଇ ହେଉଛି ହାଟ ବଜାରରେ । ସେ କଥା ଛାଡ଼ନ୍ତୁ ।

ମୁଁ ଗୋଟିଏ ଲାଲ ବର୍ଣ୍ଣର ଏକ ଟୁଲିପ୍ ମୋ ସ୍ତ୍ରୀଙ୍କୁ ସେହି ଟୁଲିପ ଫୁଲ ମେଳରେ ଦେଇଥିଲି ଆଉ ସତରେ ସେହି ମୂହୁର୍ତ୍ତର ସେଇ ଛବିଟି ଏବେବି ଆମ ନିକଟରେ ରହିଅଛି । ମୁଁ ଯେତେବେଳେ ତାଙ୍କୁ ଟୁଲିପ୍ ପାଇଁ ପଇସା ଦେଲି ସେ ଅତ୍ୟନ୍ତ ନମ୍ର ସ୍ୱରରେ ମନା କରିଥିଲେ ଆଉ କହିଥିଲେ ଏହା ଆପଣଙ୍କ ପାଇଁ ଆମର ସପ୍ରେମ ଉପହାର । ବହୁତ ବୁଝାଇବା ପରେ ମଧ୍ୟ ସେ ପଇସା ନେଇନଥିଲେ ।

ଏବେ ଆସନ୍ତୁ କାନାଡ଼ା ବ୍ଲୁମ୍‌ସ୍ ର ଆଗକୁ ବଢ଼ିବା । ଏଇତ ଆମ ସମସ୍ତଙ୍କର୍ ଅତି ଆଦରର ଗୋଲାପ ଫୁଲର ମେଳା ଲାଗିଛି । ସବୁ ବର୍ଣ୍ଣର ଆଉ ବିଭିନ୍ନ ଦେଶରୁ ସଂଗୃହୀତ ୨୫ରୁ ଉର୍ଦ୍ଧ୍ୱ ଗୋଲାପ ଫୁଲ ସଜା ହୋଇଥିଲା ସେଦିନ । ଫୁଲ ସଜାଇବା ଏକ କଳା ।

ଏହାକୁ 'ଇକେବାନା' ବା 'କାଡ଼ୋ' ବୋଲି କୁହାଯାଏ । କେତେକ ଏସିୟ ଦେଶରେ ଏହି କଳାରେ ନିପୁଣ ବ୍ୟକ୍ତି ଏହାର ଧାର୍ମିକ ଆଉ ତାତ୍ତ୍ୱିକ ପ୍ରାଧାନ୍ୟତା ବିଷୟରେ ବହୁତ କଥା କହିଛନ୍ତି । ଜ୍ଞାନୀ ହେଉ ବା ଅଜ୍ଞାନ , ସମସ୍ତଙ୍କୁ ଫୁଲର ରଙ୍ଗ ଆଉ ସୁବାସ ସଦାବେଳେ ମୁଗ୍ଧ କରି ଆସିଛି । ଆମର ମାନସିକ, ଶାରୀରିକ ଆଉ ବୌଦ୍ଧିକ ଚେତନାକୁ ଏହି ଫୁଲ ସମୂହ ନିଶ୍ଚୟ ଉଦ୍‌ବୁଦ୍ଧ କରିଥାନ୍ତି ଏଥିରେ କୌଣସି ସନ୍ଦେହ ନାହିଁ । ପ୍ରକାରାନ୍ତେ ଏହା ମଧ୍ୟ ସତ୍ୟ ଯେ ଏହି ଫୁଲ ହିଁ ଉଦ୍ଭିଦ ଜଗତ ସହ ପ୍ରାଣୀ ଜଗତକୁ ମଧ୍ୟ ବଞ୍ଚାଇ ରଖିଛି।

ସେଠାରୁ ଆଗକୁ ବଢ଼ି ଦେଖିଲି, ଅନେକ ବିରଳ ଫୁଲ ସବୁ ଅତି ଯତ୍ନରେ ରଖା ଯାଇଛି ଧାଡ଼ିକୁ ଧାଡ଼ି । ଆଉ ଜଣେ ପୁଷ୍ପ ବିଶାରଦ ବହୁତ ବଢ଼ିଆ ବୁଝାଇ କହୁଛନ୍ତି ସମସ୍ତଙ୍କୁ । ମଞ୍ଚ ଉପରେ ଏମାନେ ସମସ୍ତେ ନମ୍ବର ଏକ । କହିବାରେ, ବୁଝାଇବାରେ ଆଉ ଅଙ୍ଗଭଙ୍ଗୀ ସହ ଲୋକମାନଙ୍କୁ ଜମାଇ ରଖିବାରେ ।

ତାପରେ ଆସିଲା ପାଳି ସେବତୀ ଫୁଲର । ଛୋଟ ଠୁରୀ ସେବତୀ ଠାରୁ ଆରମ୍ଭ କରି ମଣିଷ ମୁଣ୍ଡଭଳି ସେବତୀ ଫୁଲ ସବୁ ଅତି ସୁନ୍ଦର୍ ଦେଖା ଯାଉଥିଲା ।ସେଠାରୁ ଆଗକୁ ଗଲି ଆଉ ଦେଖିଲି ଅନ୍ୟ ଏକ ବିଭାଗ ଯେଉଁ ଠାରେ ସବୁ ଫୁଲ ଝୁଡ଼ି ସବୁ ସଜା ହୋଇ ରହିଅଛି । ଆମେ ପିଲାଦିନେ କେବଳ ଧଳା, ହଳଦିଆ ଆଉ ବାଇଗଣି ରଙ୍ଗର ସେବତୀ ସବୁ ଦେଖୁଥିଲେ ହେଲେ ଏଇଠି ମୁଁ ଦେଖିଲି ଅନେକ ରଙ୍ଗର ଅନେକ ଢଙ୍ଗର ସେବତୀ । ବହୁତ ଗୁଡ଼ିଏ ଶଙ୍କରୀକରଣ ପ୍ରକ୍ରିୟାରେ ସୃଷ୍ଟି କରାଯାଇଛି ।

ତାପରେ ଦେଖିଲି ଫୁଲ ସାଜସଜ୍ଜାର ଅପୂର୍ବ ସମାବେଶ । ଫୁଲର ଗୁଚ୍ଛ ଆଉ ଫୁଲର ଝୁଡ଼ି ସବୁ ଯେପରି କିଛି କଥାବାର୍ତ୍ତା ହେଉଥିଲେ ନିଜ ନିଜ ଭିତରେ । ସେଠିକାର ଭାଷିକା ଜଣକ କେଉଁ ଝୁଡ଼ି କେଉଁ ଠାରେ ରଖିଲେ ସୁନ୍ଦର ଦେଖାଯିବ ଆଉ ତାହାର ଶକ୍ତି ତରଙ୍ଗ ସହ କଣ ସମ୍ପର୍କ ଅଛି ତାହା ବାଖ୍ୟା କରୁଥିଲେ ।

ଘରର ସାଜସଜ୍ଜାର ଫୁଲର ନିଶ୍ଚୟ ଏକ ସ୍ୱତନ୍ତ୍ର ସ୍ଥାନ ରହିଅଛି । ଫୁଲ ସବୁକୁ ବହୁତ ଦିନ ଯାଏଁ କିପରି ସତେଜ ରଖା ଯାଇପାରେ ତାହା ସେ ବୁଝାଇଥିଲେ । ଆଉ ସେ ସବୁ ମଉଳିଗଲା ପରେ ମଧ୍ୟ ତାକୁ ଶୁଖାଇ କିପରି କୋଠରୀକୁ ସୁବାସିତ ରଖା ଯାଇପରେ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ । କେଉଁ ଉତ୍ସବ ରେ କିପରି ଫୁଲତୋଡ଼ା ଦିଆଯାଏ ଆଉ ଦେବାର ଶୈଳୀ ସବୁ ନିଖୁଣ ଭାବେ ଅଭିନୟ କରି ଦର୍ଶକ ମାନଙ୍କୁ କହି ବୁଝାଉଥିଲେ ।କେବଳ ପ୍ରଦର୍ଶନୀ ଦେଖିବା ନୁହେଁ ବହୁତ ଜିନିଷ ଶିଖିବାକୁ ମଧ୍ୟ ମିଳିଥିଲା ।

ପ୍ରାୟୋଜକମାନେ ଏହି ପ୍ରଦର୍ଶନୀକୁ ଆସୁଥିବା ଲୋକମାନଙ୍କ ମନୋରଞ୍ଜନ ନିମନ୍ତେ

ସଂଗୀତ ଆଉ ନାଟକର ଏକ ମଞ୍ଚ ପ୍ରସ୍ତୁତ କରିଥିଲେ । ସେଥିରେ ବିଭିନ୍ନ ଦେଶର ଅଭିନେତା ଆଉ ଅଭିନେତ୍ରୀମାନେ ଫୁଲକୁ ମାଧ୍ୟମ କରି ବହୁତ ସୁନ୍ଦର ବିଷୟ ସବୁ ଉପସ୍ଥାପନା କରିବାରେ ଲାଗିଥିଲେ ।

ଏଥିରୁ ଜଣା ପଡୁଥିଲା ଯେ ପ୍ରତ୍ୟେକ ଦେଶରେ ଫୁଲ କିପରି ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି । ଈଶ୍ୱରଙ୍କ ଠାରୁ ଆରମ୍ଭ କରି ଛୋଟିଆ ଝିଅ ପର୍ଯ୍ୟନ୍ତ, ଜନ୍ମଠାରୁ ଆରମ୍ଭ କରି ମରଣ ପର୍ଯ୍ୟନ୍ତ , ସବୁଠାରେ ଫୁଲ ଏକ ମାଧ୍ୟମ ହୋଇପାରିଛି ଆମ ଜୀବନ ଯାପନ ପ୍ରଣାଳୀରେ ।

ସେଠାରେ ଏହିଭଳି ବୁଲିବୁଲି ସବୁ ଦେଖିଲୁ ସେଦିନ ଆଉ ଅନେକ ନୂଆ ଜିନିଷ ଜାଣିବାକୁ ମଧ୍ୟ ମିଳିଲା । ଏହିଭଳି ପ୍ରଦର୍ଶନୀ ସମସ୍ତ ଗାଁ ଆଉ ସହରରେ ହେବା ଉଚିତ । ଏଥିଦ୍ୱାରା ଯେ କେବଳ ବ୍ୟବସାୟିକ ଉଦ୍ଦେଶ୍ୟ ସାଧିତ ହେବ ତାହାନୁହଁ ବରଂ ଆମ୍ଭେମାନେ ଆମ୍ଭର ପରିବେଶ ଆଉ ସେହି ପରିବେଶରେ ବଢୁଥିବା ଜୀବ ଜଗତ ବିଷୟରେ ସମ୍ୟକ ଜ୍ଞାନ ଆହରଣ କରିପାରିବା । ଅଧିକାଂଶ ଉଦ୍ଭିଦ ଆମ୍ଭପାଇଁ ଅତ୍ୟନ୍ତ ଉପକାରୀ ଏଣୁ ଏହି ବିଷୟରେ ଏହିଭଳି ପ୍ରଦର୍ଶନୀ ଆୟୋଜନ କରି ସମସ୍ତଙ୍କୁ ଏହି ବିଷୟରେ ସଚେତନା କରିବା ଏକାନ୍ତ ଆବଶ୍ୟକ ।

ଏବେତ ଘରକୁ ଫେରିବା ସମୟ ହେଲାଣି । ପୁଣିଥରେ କେଉଁଆଡ଼େ ବୁଲି ବାହାରିଲେ ଆପଣମାନଙ୍କ ପାଇଁ ଲେଖି ବସିବି ମୋର ଭ୍ରମଣର ଅଭିଜ୍ଞତା ।

ଧନ୍ୟବାଦ..!!



ପବିତ୍ର ଶିବରାତ୍ରୀ (ଜାଗର) ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ଭକ୍ତିପୂତ ଅଭିନନ୍ଦନ

# ବିଶେଷ ସୂଚନା



ଆହ୍ବାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ବାରା କିମ୍ବା ଇ-ମେଲ୍ ଦ୍ବାରା ପଠାଇପାରିବେ । ଡ଼ାକ ଦ୍ବାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ବରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ବାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ବାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ବାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ବାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ବାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ବରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ବାନ'